ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ସେପ୍ଟେମ୍ବର, ୨୦୧୯



ମନୁଷ୍ୟତ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
- ସ୍ୱାମୀ ବିବେକାନନ୍ଦ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୧୧ତମ କଟନଫାବ-୨୦୧୯, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଆଖଣ୍ଡଳମଣି ପୂଜା କମିଟି ଏବଂ ମୋରିଆ ଗ୍ରୁପ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଖଣ୍ଡଳମଣି ସେବା ସଂସଦ ପ୍ରାଙ୍ଗଣ, ନୂଆସାହି, ନୟାପଲ୍ଲୀ, ସନ୍ଧ୍ୟା ୬ଟା।
- ସୋମନାଥ ଯୁବ ପରିଷଦ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସମେଇଗଡ଼ିଆ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**
- ୫ମ ବାର୍ଷିକ ଗୀତା କର୍ମଶାଳା ସରସ୍ୱତୀ ଶିକ୍ଷାମନ୍ଦିର ପରିସର, ନହରକଣ୍ଟା।

## ରେଲୱେ ପକ୍ଷରୁ ସ୍ୱତନ୍ତ୍ର ତୀର୍ଥଯାତ୍ରା ପ୍ୟାକେଜ
## ସବୁ ଶନିବାର ଭୁବନେଶ୍ୱରରୁ ତିରୁମାଲା

ଭୁବନେଶ୍ୱର, ୨୧୯(ବ୍ୟୁରୋ): ୱିକେଣ୍ଡକୁ ଧାର୍ମିକ ପରିବେଶରେ କାଟିବାକୁ ଚାହୁଁଥିବା ଲୋକମାନଙ୍କ ପାଇଁ ଆଇଆରସିଟିସି ଆଣିଛି ତିରୁମାଲା ସ୍ୱତନ୍ତ୍ର ଦର୍ଶନ ପ୍ୟାକେଜ। ୩ ଦିନ ୪ ରାତି ବିଶିଷ୍ଟ ଏହି ଟୁର ପ୍ୟାକେଜରେ ତିରୁମାଲା ପର୍ବତ ସହ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ବୁଲିବାର ସୁବିଧା ରହିଛି। ସବୁ ସପ୍ତାହର ଶନିବାର ମଧ୍ୟାହ୍ନ ୧୨ଟାରୁ ଭୁବନେଶ୍ୱର ରେଳ ଷ୍ଟେଶନରୁ ଯାତ୍ରା ଆରମ୍ଭ କରୁଛି ଏହି ସ୍ୱତନ୍ତ୍ର ଟୁର ପ୍ୟାକେଜ ବଶିଷ୍ଟ ଟ୍ରେନ୍। ଯାତ୍ରାକୁ ଅଧିକ ସୁନ୍ଦର କରିବା ସକାଶେ ଡ୍ରେସକୋଡ କରାଯାଇଛି। ପୁରୁଷମାନଙ୍କ ଲାଗି ଧଳା ଧୋତି, କୁର୍ତ୍ତା ଓ ମହିଳାମାନେ ଶାଢ଼ି, ସାଲୱାର କମିଜ, ଦୁପଟ୍ଟା ବାଧ୍ୟତାମୂଳକ ରଖାଯାଇଛି। ଜିନ୍ସ, ଟି-ଶାର୍ଟ ପିନ୍ଧିବାକୁ ଆଇଆରସିଟିସି ପକ୍ଷରୁ ବାରଣ କରାଯାଇଛି। ରବିବାର ତିରୁପତି ଷ୍ଟେଶନରେ ପହଞ୍ଚିବା ପରେ ଯାତ୍ରୀମାନେ କାନିପକମ୍ ଓ ଶ୍ରୀପୁରମ୍ ବୁଲିବେ। ତୃତୀୟ ଦିନରେ ତିରୁମାଲା ପର୍ବତ, ଭେଙ୍କଟେଶ୍ୱରଙ୍କ ଦର୍ଶନ, ତିରୁଚନୌର ମନ୍ଦିର, ଶ୍ରୀ କଳାହସ୍ତୀ ପ୍ରଭୃତି ମନ୍ଦିର ଆଇଆରସିଟିସି ଯାତ୍ରୀମାନଙ୍କୁ ବୁଲାଇବ। ସେହିଦିନ ସନ୍ଧ୍ୟାରେ ଭୁବନେଶ୍ୱର ଅଭିମୁଖେ ଟ୍ରେନଟି ପ୍ରତ୍ୟାବର୍ତ୍ତନ କରିବ। ଯାତ୍ରାରେ ତୃତୀୟ ଶ୍ରେଣୀ ଏସି ଓ ଶୟନଯାନ କୋଚ ରହିଛି। ପୂରା ପ୍ୟାକେଜର ଭଡ଼ା ୪୮୨୭ ଟଙ୍କାରୁ ନେଇ ୧୭୩୦୪ ଟଙ୍କା ଯାଏ ରହିଛି। ଯାତ୍ରା ସମ୍ବନ୍ଧରେ ଅଧିକ ସୂଚନା ପାଇବା ସକାଶେ ଆଇଆରସିଟିସି ୱେବସାଇଟ(www.irctctourism.com)ଦେଖିପାରିବେ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ଦୁଇମାସ ହେବ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଟୁର ପ୍ୟାକେଜ ସଫଳ ହେବାରୁ ଆଗକୁ ଏହା ବଢ଼ାଇବାକୁ ଯୋଜନା କରାଯାଉଛି ବୋଲି ଆଇଆରସିଟିସି କହିଛି।

## ବନ୍ଧୁକ ଦେଖାଇ ଏଜେଣ୍ଟଙ୍କ ଠାରୁ ୭୦ହଜାର ଲୁଟ୍

**ଖୋର୍ଦ୍ଧା ଅଫିସ,୨୧୯:** ଖୋର୍ଦ୍ଧା ସଦର ଥାନାର ଟାଙ୍ଗେଣି ପାହାଡ ପାଦଦେଶରେ ସୋମବାର ବନ୍ଧୁକ ଦେଖାଇ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କଲେକ୍ସନ ଏଜେଣ୍ଟଙ୍କଠାରୁ ୭୦ହଜାର ୪୩୯ଟଙ୍କା ଓ ମୋବାଇଲ ଫୋନ ଲୁଟ୍ ହୋଇଛି। ପୋଲିସ ଏକ ମାମଲା (ନଂ.୧୧୯/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଏଜେଣ୍ଟ ସୋମେଶ ଖଡିରତ୍ନ ବେଗୁନିଆ ବ୍ଲକର ଗୋଡା ଗ୍ରାମରୁ ଟଙ୍କା ଆଦାୟ କରି ବାଇକରେ ଖୋର୍ଦ୍ଧା ଅଫିସକୁ ଫେରୁଥିଲେ। ଏକ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କ ଟଙ୍କା ବ୍ୟାଗ ଛଡାଇ ନେଇ ଫେରାର ହୋଇଯାଇଥିଲେ।

### ଉଚ୍ଛେଦ ପରିବାର, ଦୋକାନୀଙ୍କୁ ଥଇଥାନ ପ୍ରସଙ୍ଗ
# ପ୍ୟାକେଜକୁ ସ୍ୱାଗତ, କାର୍ଯ୍ୟକାରିତା ନେଇ ପ୍ରଶ୍ନ

**ପୁରୀ ଅଫିସ, ୨୧୯: ମେଘନାଦ ପାଚେରିଠାରୁ ୭୫ମିଟର ପରିଧି ମଧ୍ୟରେ ଆସୁଥିବା ସବୁ ନିର୍ମାଣ ଉଚ୍ଛେଦ ହେବ। ଏବେ ଦୋକାନ ସମେତ ଅସୁରକ୍ଷିତ କୋଠା, ମଠ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଚ୍ଛେଦ ହୋଇଥିବା ପରିବାର ଓ ଦୋକାନୀଙ୍କ ଥଇଥାନ ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାବେଳେ କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ମତାମତଭିତ୍ତିକ ଏକ ଉପସ୍ଥାପନା।**



ଶ୍ରୀମନ୍ଦିର ସୁରକ୍ଷା ଓ ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ତେଣୁ ଶ୍ରୀମନ୍ଦିର ଚାରିପଟୁ ୭୫ ମିଟର ପରିଧି ପରିସରସ୍ଥ କୋଠା, ମଠ ଉଚ୍ଛେଦ ଲାଗି ନିଷ୍ପତ୍ତି ନେଇଛନ୍ତି। ବିସ୍ଥାପିତଙ୍କୁ ଥଇଥାନ କରାଯିବା ସହ ଉପଯୁକ୍ତ କ୍ଷତିପୂରଣ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତେବେ ଥଇଥାନକୁ ନେଇ ଅନେକଙ୍କ ମଧ୍ୟରେ ପ୍ରଶ୍ନ ସୃଷ୍ଟି ହୋଇଥିଲା। ସୋମବାର ବିନାୟକ ଚତୁର୍ଥୀରେ ମୁଖ୍ୟମନ୍ତ୍ରୀ ଥଇଥାନ ପ୍ୟାକେଜ ଘୋଷଣା କରି ଏହି ପ୍ରଶ୍ନର ଅନ୍ତ ଘଟାଇଛନ୍ତି। ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏକ ଯୁଗୋପଯୋଗୀ ପଦକ୍ଷେପ ଗ୍ରହଣ କରିଛନ୍ତି।

**- ଡ. ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**



ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। କ୍ଷତିଗ୍ରସ୍ତ ପରିବାର ଓ ବ୍ୟବସାୟୀଙ୍କ ଥଇଥାନ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ସ୍ୱାଗତଯୋଗ୍ୟ ପଦକ୍ଷେପ। ଶ୍ରୀମନ୍ଦିର ସୁରକ୍ଷା ଓ ବିକାଶ ଲାଗି ପୂର୍ବରୁ ସେ ପୁରୀବାସୀଙ୍କୁ ତ୍ୟାଗ କରିବା ଲାଗି ଆହ୍ୱାନ ଦେଇଥିଲେ। ସରକାର ସେହି ତ୍ୟାଗର ମୂଲ୍ୟ ରଖିଛନ୍ତି। ବର୍ତ୍ତମାନ ପରିବର୍ତ୍ତନର ସମୟ ଆସିଛି। ପୁରୀବାସୀ ଏହାକୁ ଗ୍ରହଣ କରିବା ଉଚିତ ହେବ।

**- ନଟବର ସାହୁ, ବରିଷ୍ଠ ନାଗରିକ**



କ୍ଷତିଗ୍ରସ୍ତ ପରିବାର ଓ ଦୋକାନୀଙ୍କ ଲାଗି ସରକାର ଭଲ ପଦକ୍ଷେପ ଗ୍ରହଣ କରିଛନ୍ତି। ସବୁ ବର୍ଗର ଲୋକଙ୍କ ଲାଗି ଥଇଥାନର ବ୍ୟବସ୍ଥା କରାଯାଇଛି। ଶ୍ରୀକ୍ଷେତ୍ରକୁ ବିଶ୍ୱ ସ୍ତରର ଏକ ଐତିହାସିକ ସହର ଭାବେ ଗଢ଼ିତୋଳିବା ଲାଗି ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ପୁରୀ ସହରବାସୀ ଏହାକୁ ସ୍ୱାଗତ କରିବେ ବୋଲି ଆଶା କରୁଛି।

**- ଶୁଭାଶିଷ ଖୁଣ୍ଟିଆ, ରାଜ୍ୟ ସମ୍ପାଦକ, ବିଜେଡି**



ପ୍ରତିଶ୍ରୁତି ରଖି କ୍ଷତିଗ୍ରସ୍ତଙ୍କ ଥଇଥାନ ପାଇଁ ପ୍ୟାକେଜ କରିବା ଯୋଗୁ ସରକାରଙ୍କ ଉପରେ ପୁରୀବାସୀ ଆସ୍ଥା ପ୍ରକଟ କରିବେ। ଶ୍ରୀକ୍ଷେତ୍ରକୁ ଏକ ବିଶ୍ୱସ୍ତରୀୟ ସହର ଭାବେ ଗଢ଼ିତୋଳିବା ନେଇ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ। ଆଶା ରଖୁଛି, ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ପୁରୀବାସୀ ସହଯୋଗର ହାତ ବଢ଼ାଇବେ।

**- ସରୋଜ ବେହେରା, ସଭାପତି, ଓଡ଼ିଶା କୁରାଳ ମହାସଂଘ**



ଶ୍ରୀମନ୍ଦିର ଉଚ୍ଛେଦକୁ ନେଇ ପୂର୍ବରୁ ଅସନ୍ତୋଷ ପ୍ରକାଶ ପାଇଥିଲା। କ୍ଷତିଗ୍ରସ୍ତଙ୍କ ଲାଗି ସରକାର ସୋମବାର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହାକୁ ମୁଁ ସ୍ୱାଗତ କରୁଛି। କିନ୍ତୁ ଥଇଥାନ ଦୃଷ୍ଟିରୁ ଯେପରି କୌଣସି କ୍ଷତିଗ୍ରସ୍ତ ପରିବାର କିମ୍ବା ଦୋକାନୀ ବଞ୍ଚିତ ନ ହେବେ ସେଥିପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ।

**- ବିନାୟକ ଦାଶ ମହାପାତ୍ର, ବିଶ୍ୱାବସୁ**



ଶ୍ରୀକ୍ଷେତ୍ର ଏକ ଐତିହାସିକ ସହର ତଥା ଧାର୍ମିକ ଓ ଆଧାତ୍ମିକ କେନ୍ଦ୍ରବିନ୍ଦୁ ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ସରକାର ମେଘନାଦ ପାଚେରି ଚାରିପଟୁ ଉଚ୍ଛେଦ ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଶ୍ରୀମନ୍ଦିର ସହିତ ମଠ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏଣୁ ଶ୍ରୀମନ୍ଦିର ସୁରକ୍ଷା କଥା ଚିନ୍ତା ବେଳେ ମଠ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ଜରୁରୀ।

**- ରାମଚରଣ ଦାସ ମହାରାଜ, କାର୍ଯ୍ୟକାରୀ ସଭାପତି, ନିଖିଳ ଉତ୍କଳ ମଠ ମନ୍ଦିରାଧୀଶ ସେବା ସଂଘ**



ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଘୋଷଣାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଏହାକୁ ଠିକ୍ ଭାବେ ତର୍ଜମା କରାଯିବା ଆବଶ୍ୟକ। ଅଧିକାଂଶ ଦୋକାନ ନିଜ ମାଲିକାନାରେ ନାହିଁ। କ୍ଷତିଗ୍ରସ୍ତ ଦୋକାନ ଗୃହ ପୂର୍ବରୁ ସର୍ଭେ କରାଯାଇନାହିଁ। ତେବେ ଦୋକାନୀମାନଙ୍କୁ କିପରି ଥଇଥାନ ରାଶି ପ୍ରଦାନ କରାଯିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ୟାକେଜ୍ ଘୋଷଣା ଏବଂ ଏହାକୁ କାର୍ଯ୍ୟକାରୀ କରିବା ଦୁଇଟି ଅଲଗା ପ୍ରଶ୍ନ। ଏହାକୁ କିପରି ଠିକ୍ ଭାବେ ପରିଚାଳନା କରାଯିବ ସେନେଇ ଜିଲା ପ୍ରଶାସନର ଉତ୍ତରଦାୟିତ୍ୱ ରହିଛି।

**- ଦେବୀ ନନ୍ଦ, ଗବେଷକ**



ପୂର୍ବରୁ ଦୁଇଥର ଶ୍ରୀମନ୍ଦିର ଚାରିପଟୁ ଉଚ୍ଛେଦ କରାଯାଇଛି। କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ଥଇଥାନ କରାଯାଇନାହିଁ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତଙ୍କ ଲାଗି ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। କେବଳ ଘୋଷଣା କରିଦେଲେ ଚଳିବ ନାହିଁ, ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ମୁଖ୍ୟମନ୍ତ୍ରୀଙ୍କର ଯଦି ଶ୍ରୀକ୍ଷେତ୍ର ଲାଗି ଏତେ ଦରଦ ରହିଥିଲା, ତାହାହେଲେ ଆଗରୁ କାହିଁକି ଏ ସମ୍ପର୍କରେ ଚିନ୍ତନ କରି ନ ଥିଲେ। ଶ୍ରୀମନ୍ଦିର ସୁରକ୍ଷା ଆଳରେ ମଠ ସଂସ୍କୃତିକୁ ବିନାଶ କରାଯାଉଛି। ଏହା ଗ୍ରହଣୀୟ ନୁହେଁ।

**- ଜୟନ୍ତ କୁମାର ଦାଶ, ସଭାପତି, ଭାଜପା ଯୁବମୋର୍ଚ୍ଚା**

# ତାଳଗଛ ଲଗାଇବା, ବାୟାଚଢ଼େଇ ବଂଶ ବୃଦ୍ଧି କରିବା ଦାବି ଜୋର ଧରୁଛି

**କଟକ ଅଫିସ, ୨୧୯**

ତତ୍କାଳୀନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନେଇଥିଲେ ୨କୋଟିରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବ। ରାଜ୍ୟସ୍ତରୀୟ ବନ ମହୋତ୍ସବ ଅବସରରେ ସହରାଞ୍ଚଳ ବନୀକରଣ କାର୍ଯ୍ୟକ୍ରମରେ ୧୧ଲକ୍ଷ ୧୫ହଜାର ୯ଶହ ଚାରାରୋପଣ କରାଯିବ। ଭୁବନେଶ୍ୱର ଜଙ୍ଗଲ ବିଭାଗରେ ୧ଲକ୍ଷ ୬୦ହଜାର ୫ଶହ ଏବଂ କଟକରେ ୩୦ ହଜାର ୫ଶହ ଚାରାରୋପଣ କରାଯିବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ତାହା ଏବେ ପର୍ଯ୍ୟନ୍ତ ହୋଇପାରିନାହିଁ। ଫଳରେ ତାଳଗଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଅନ୍ୟାନ୍ୟ ବୃକ୍ଷ ପରି ତାଳ ଗଛର ମଧ୍ୟ ମହତ୍ତ୍ୱ ରହିଛି। ଏହି ଗଛ ସଂଖ୍ୟା ବୃଦ୍ଧି କରାଯାଉନାହିଁ। ଏହି ଗଛ ଚାଷୀ ଏବଂ ସାଧାରଣ ଲୋକଙ୍କୁ ବଜ୍ରପାତରୁ ରକ୍ଷା କରିଥାଏ। ଏହି ଗଛର ଶାଖା ନ ଥାଏ। ଚେର ମାଟିର ବହୁତ ଭିତରେ ଥିବାରୁ ଏହି ଗଛ ସହଜରେ ଭାଙ୍ଗି ନ ଥାଏ ଏବଂ ମାଟିକୁ ଜାବୁଡି ରଖିବାରେ ସହାୟକ ହୋଇଥାଏ। ତାଳଗଛରେ ବାୟାଚଢ଼େଇ ବସା ବାନ୍ଧୁଥିବାରୁ ପରିବେଶ ପାଇଁ ଏବଂ ଜଙ୍ଗଲ ପକ୍ଷୀ ସୁରକ୍ଷା ଦିଗରେ କାର୍ଯ୍ୟ କରିଥାଏ। ଏହାର ପତ୍ର କୁଟୀର ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରେ ଲାଗିଥାଏ। ଏହି ଗଛର ପତ୍ର ଘର ଛାଉଣୀ, ଆସନ, ବିଛଣା, ଛତା, ଜାତକ, ନିମନ୍ତ୍ରଣପତ୍ର ଏବଂ ବହୁ ପୋଥି ନିର୍ମାଣ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରୁଛି। ତାଳସଜ, ତାଳତେଲ, ଗୁଡ ଆଦି ଆମ ଶରୀର ପାଇଁ ହିତକାରକ। ଏହି ଗଛ ୧୯୭ ଫୁଟ ପର୍ଯ୍ୟନ୍ତ ବଢ଼ିଥାଏ। ବଜ୍ରପାତରୁ ମୁକ୍ତି ପାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତି। କିନ୍ତୁ ସେହି ଅର୍ଥ ଏହି ତାଳଗଛ ଲଗାଇବାରେ ଖର୍ଚ୍ଚ କରିଥିଲେ, ଏହି ଗଛତଳେ ଲୋକେ ରହି ବଜ୍ରପାତରୁ ମୁକ୍ତି ପାଇବା ସହ ସରକାରଙ୍କ ଅର୍ଥ ମଧ୍ୟ ବଞ୍ଚିପାରିଥାନ୍ତା।

ଏହି ଗଛ ଲଗାଇବା ଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ଚାରା ପାଇପାରିବା ଏବଂ ଏହା ବଢ଼ିବା ନିମନ୍ତେ ସାର ଔଷଧ ଆବଶ୍ୟକ ନାହିଁ। ଏହି ତାଳଗଛ ନ ଥିବା କାରଣରୁ ବାୟାଚଢ଼େଇ ବସା ନିର୍ମାଣରେ ବାଧା ସୃଷ୍ଟି ହେଉଛି। ଏହାର ପ୍ରଭାବରେ ବାୟାଚଢ଼େଇ ବଂଶ ବିସ୍ତାର ହୋଇ ନ ପାରି ବିଲୁପ୍ତ ହେବାକୁ ବସିଲେଣି। କଲମ୍ବିଆ ଦେଶରେ ଏହି ତାଳବୃକ୍ଷକୁ ଜାତୀୟ ବୃକ୍ଷ ରୂପେ ବିବେଚନା କରାଯାଇଥିବାବେଳେ ଆମ ରାଜ୍ୟରେ ଏହି ବୃକ୍ଷ ଲଗାଇବାକୁ ପ୍ରୋତ୍ସାହନ ନ ଥିବା ବଡ ଦୁର୍ଭାଗ୍ୟର ବିଷୟ ବୋଲି ବାୟାଚଢ଼େଇ ସୁରକ୍ଷା ଆବାହକ ପୀତାମ୍ବର ରାଉତ କହିଛନ୍ତି। ଏ ନେଇ କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ କହିଛନ୍ତି, ଏହି ବୃକ୍ଷ କେତେ ଲାଭପ୍ରଦ ହୋଇପାରିବ ତାହା ଆମେ ଅନୁଧ୍ୟାନ କରିବୁ। ଏଥିପାଇଁ ଉକ୍ତ ସଂସ୍ଥା ସହ କଥା ହୋଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଆଗାମୀ ଦିନରେ ଏହି ବୃକ୍ଷ ଲଗାଯିବା ଉପରେ ଦୃଷ୍ଟି ଦିଆଯିବ।

### ୪୦ତମ ପ୍ରତିଷ୍ଠା ଦିବସ ପାଳିବ ଓଟିଡିସି
# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନି 'ପାନ୍ଥନିବାସ'

- **ନାହିଁ ଆବଶ୍ୟକ ଭିତ୍ତିଭୂମି ଓ ସୁବିଧାସୁଯୋଗ**
- **ହୋଟେଲରେ ଶୋଷଣର ଶିକାର ହେଉଛନ୍ତି ପର୍ଯ୍ୟଟକ**

**ଭୁବନେଶ୍ୱର,୨୧୯(ବ୍ୟୁରୋ)**

୨୦୨୦ ମସିହା ସୁଦ୍ଧା ଓଡିଶାକୁ ୨.୫ କୋଟି ପର୍ଯ୍ୟଟକଙ୍କୁ ଆଣିବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଏଥିଲାଗି ଇକୋ ଟୁରିଜମ୍‌ଠାରୁ ଆରମ୍ଭକରି ପ୍ୟାଲେସ୍ ଟୁରିଜମ୍ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ପର୍ଯ୍ୟଟନକୁ ବ୍ୟାପକ କରାଯାଉଛି। ରାଜ୍ୟ ଓ ଦେଶ ବାହାରର ପର୍ଯ୍ୟଟକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବା ପାଇଁ ଏକାଧିକ ଯୋଜନା ମାଧ୍ୟମରେ ପ୍ରୟାସ ହେଉଛି। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଁ ବିଭାଗ ଲାଗିପଡିଥିବାବେଳେ ଏପଟେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ରାଜ୍ୟରେ ଆବଶ୍ୟକ ପାନ୍ଥନିବାସ ନ ଥିବାରୁ ବାହାରୁ ଆସୁଥିବା ଯାତ୍ରୀ ବା ପର୍ଯ୍ୟଟକମାନେ ନାନା ଅସୁବିଧାର ସମ୍ମୁଖୀନ ହେବାସହ ହୋଟେଲଗୁଡିକ ଦ୍ୱାରା ଅନେକ ସମୟରେ ଶୋଷଣର ଶିକାର ହେଉଛନ୍ତି। ସେହିଭଳି ଯେତିକି ବି ପାନ୍ଥନିବାସ ରହିଛି ତାହାର ପରିଚାଳନା ଠିକ୍ ଭାବେ ହେଉ ନ ଥିବାରୁ ବାହାରୁ ଆସୁଥିବା ଯାତ୍ରୀମାନେ ଏଠାରେ ରହିବାକୁ ନାପସନ୍ଦ କରୁଛନ୍ତି। ପଡ଼ୋଶୀ ପଶ୍ଚିମବଙ୍ଗରୁ ଆସୁଥିବା ପର୍ଯ୍ୟଟକଙ୍କ ଭରସାରେ କିଛିଟା ପାନ୍ଥନିବାସ ଭଲରେ ଚାଲୁଥିବାବେଳେ ଅଧିକାଂଶ କ୍ଷତିରେ ଚାଲୁଥିବା ଜଣାପଡ଼ିଛି।

ପର୍ଯ୍ୟଟନ ଶିଳ୍ପର ଉନ୍ନତି ପାଇଁ ଯେଉଁ ପଦକ୍ଷେପ ନିଆଯାଇଛି ସେଥିମଧ୍ୟରୁ ଅଧିକାଂଶ କେବଳ ଯୋଜନାରେ ସୀମିତ ହୋଇ ରହିଯାଇଛି। ପର୍ଯ୍ୟଟନ ବିଭାଗରୁ ମିଳିଥିବା ସୂଚନାନୁସାରେ, ଗତ ୧୦ବର୍ଷ ମଧ୍ୟରେ ରାଜ୍ୟକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିଛି। ୨୦୦୫ରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ୪୬ଲକ୍ଷ ୩୨ହଜାର ୯୭୬ଜଣ ଘରୋଇ ପର୍ଯ୍ୟଟକ ଆସିଥିବାବେଳେ ବିଦେଶୀଙ୍କ ସଂଖ୍ୟା ଥିଲା ୩୩ହଜାର ୩୧୦। ୨୦୧୩ରେ ଏହି ସଂଖ୍ୟା ବୃଦ୍ଧିପାଇ ୮୯ଲକ୍ଷ ୧୩୫ ଘରୋଇ ଓ ୬୬ହଜାର ୬୭୫ ଜଣ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିଥିଲେ। ସେହିଭଳି ୨୦୧୮-୧୯ରେ ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇ ୧କୋଟି ୫୫ଲକ୍ଷ ୯ହଜାର ୫୨୯ରେ ପହଞ୍ଚିଥିବାବେଳେ ବିଦେଶୀଙ୍କ ସଂଖ୍ୟା ବଢ଼ି ୧ଲକ୍ଷ ୧୩ହଜାର ୭୨୧ରେ ପହଞ୍ଚିଥିଲା। ତେବେ ପୁରୀ, ଭୁବନେଶ୍ୱର, ଚାନ୍ଦିପୁର, ଗୋପାଳପୁର, କୋଣାର୍କ, ସିମିଳିପାଳ ଭଳି ପ୍ରମୁଖ ସ୍ଥାନକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ଘଟୁଥିଲେ ମଧ୍ୟ ଏହିସବୁ ସ୍ଥାନରେ ପର୍ଯ୍ୟଟକଙ୍କ ରହିବା ଲାଗି ସେଭଳି କିଛି ସୁବିଧା ନ ଥିବାରୁ ଅଧିକାଂଶ ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରି ଫେରୁଛନ୍ତି।

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଅଧୀନ ୨୧ ସ୍ଥାନରେ ପାନ୍ଥନିବାସ ଏବଂ ଯାତ୍ରୀନିବାସ ପ୍ରତିଷ୍ଠା କରାଯାଇଛି। ହେଲେ ସେଥିରେ ବ୍ୟାପକ ସୁବିଧା ସୁଯୋଗ ମିଳୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ଗତ ୫ବର୍ଷ ମଧ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ଘଟିଥିଲେ ମଧ୍ୟ ପାନ୍ଥନିବାସ ଏବଂ ଯାତ୍ରୀନିବାସ ସଂଖ୍ୟାରେ କୌଣସି ପରିବର୍ତ୍ତନ ଆସିନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୧୦ରେ ରାଜ୍ୟରେ ପାନ୍ଥନିବାସ ଓ ଯାତ୍ରୀନିବାସଗୁଡିକରେ ଯେତିକି ରୁମ୍ ଏବଂ ଶଯ୍ୟା ଥିଲା ତାହା ଏବେ କମିଯାଇଛି। ପର୍ଯ୍ୟଟନ ବିଭାଗ ତଥ୍ୟ ଅନୁଯାୟୀ ୨୦୧୧ରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପାନ୍ଥନିବାସ, ଯାତ୍ରୀନିବାସ, ପାନ୍ଥଶାଳା ଓ ପାନ୍ଥିକାରେ ୫୨୬ ରୁମ୍ ଏବଂ ୧୧୫୦ ଶଯ୍ୟା ଥିଲା। ଏବେ ଶଯ୍ୟା ସଂଖ୍ୟା ହ୍ରାସ ପାଇ ୧୧୨୮ରେ ପହଞ୍ଚିଛି। ସେହିପରି ୪ଟି କନ୍‌ଫରେନ୍ସ ହଲ୍ ରହିଛି। ପୁରୀ ଏବଂ ଭୁବନେଶ୍ୱରରେ ଥିବା ପାନ୍ଥନିବାସକୁ ଛାଡ଼ିଦେଲେ ଅନ୍ୟସ୍ଥାନରେ ରୁମ୍ ଓ ଶଯ୍ୟା ସଂଖ୍ୟା ସେଭଳି ବୃଦ୍ଧି କରାଯାଇନାହିଁ। ଫଳରେ ପର୍ଯ୍ୟଟକଙ୍କ ପାଇଁ ହୋଟେଲ ହିଁ ଏକମାତ୍ର ଭରସା ସାଜିଥିବାବେଳେ ରାଜ୍ୟରେ ହୋଟେଲ ସଂଖ୍ୟା ମଧ୍ୟ ବୃଦ୍ଧି ପାଉନାହିଁ। ହୋଟେଲ ଶିଳ୍ପରେ ଓଡ଼ିଶା ବହୁ ପଛରେ ରହିଛି। ଏକ୍ଷେତ୍ରରେ ଦେଶର ଶ୍ରେଷ୍ଠ ୧୦ ପର୍ଯ୍ୟଟନ ରାଜ୍ୟ ମଧ୍ୟରେ ଓଡିଶାର ସ୍ଥାନ ନାହିଁ। ଏଭଳିସ୍ଥିତିରେ ରାଜ୍ୟ ସରକାର ପାନ୍ଥନିବାସ ଏବଂ ଯାତ୍ରୀନିବାସ ସଂଖ୍ୟା ସହ ଶଯ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଏହାର ପରିଚାଳନା ଠିକ୍‌ଭାବେ କରିବାକୁ ଦାବି ହୋଇଛି। ନିକଟରେ ଓଟିଡିସି ନୂତନ ଅଧ୍ୟକ୍ଷଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀମୟୀ ମିଶ୍ର ପାନ୍ଥନିବାସ ଲାଭ କ୍ଷତିକୁ ନେଇ ପ୍ରଥମେ ସମୀକ୍ଷା କରିବେ ବୋଲି କହିଥିବାବେଳେ ପାନ୍ଥନିବାସଗୁଡ଼ିକୁ କିଭଳି ପ୍ରଦୂଷଣମୁକ୍ତ କରାଯାଇପାରିବ ତାହା ଓଟିଡିସିର ୪୦ତମ ପ୍ରତିଷ୍ଠା ଦିବସ ପାଳନର ଆଭିମୁଖ୍ୟ ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସୌମ୍ୟଜିତ୍



ଅରୂପ



ସମୀର



ଶେଖର



ସୌମ୍ୟରଞ୍ଜନ



ସ୍ୱରାଜ



ପ୍ରତୀକ୍ଷା



ଆନନ୍ଦ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



> ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ୍ୟ କେବେହେଲେ ବ୍ୟର୍ଥ ହୁଏ ନାହିଁ।
> - ଈଶ୍ୱରଚନ୍ଦ୍ର ବିଦ୍ୟାସାଗର




ଭୁବନେଶ୍ୱର ସୌଭାଗ୍ୟ ନଗର ପୂଜା ମଣ୍ଡପ


ଭିଏସ୍ଏସ୍ ନଗର ମା' ତାରିଣୀ କ୍ଲବ୍


ବଡ଼ଗଡ଼ ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ୍



ବୁଦ୍ଧନଗର ପୂଜା ମଣ୍ଡପ


ଚକେଇସିଆଣି ଶନିଶ୍ଚର ବଜାର କମିଟି


ଭିଏସ୍ଏସ୍ ନଗର ଗଡ଼େଶ୍ୱର ହାଟ ବ୍ୟବସାୟୀ ସଂଘ।

# ନୂଆ ବେଶ, ନୂଆ ରୂପ...


ଭୀମଟାଙ୍ଗୀ ସରସ୍ୱତୀ ଶିଶୁମନ୍ଦିର

**ଭୁବନେଶ୍ୱର,୨୧୯(ବ୍ୟୁରୋ)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭଳି କି ଭଳି ରୂପ ଓ ସାଜସଜ୍ଜା ସହ ପ୍ରଭୁ ବିଘ୍ନ ବିନାଶକଙ୍କୁ ରାଜଧାନୀବାସୀ ପୂଜାର୍ଚ୍ଚନା କରିଛନ୍ତି। କେଉଁଠି ଦଶାବତାର ବେଶରେ ତ କେଉଁଠି ବିଶାଳ ରୂପରେ, ପୁଣି କେଉଁଠି କଉଡି, କାଇଁଚ ଓ ମୁଗଡାଲିରେ ତିଆରି ଗଜାନନ ଚଳିତଥର ମୁଖ୍ୟ ଆକର୍ଷଣ ସାଜିଥିଲେ। ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ଦିନତମାମ ମନ୍ତ୍ର, ଧୂପ, ଦୀପରେ ଗଜାନନଙ୍କ ପୂଜାର୍ଚ୍ଚନା ସରିବା ପରେ ସନ୍ଧ୍ୟା ହେବାକ୍ଷଣି ପୂଜାମଣ୍ଡପଗୁଡିକର ରଙ୍ଗିନ ଆଲୋକମାଳା, ସୁସଜ୍ଜିତ ମୂର୍ତ୍ତି ଏବଂ ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସେହିପରି ପ୍ରତିଥର ଭଳି ଏଥର ମଧ୍ୟ ଭଜନ ସମାରୋହ ସାଙ୍ଗକୁ ମେଲୋଡି କାର୍ଯ୍ୟକ୍ରମ ରାଜଧାନୀ ଗଣେଶ ପୂଜାର ଆଉ ଏକ ପ୍ରମୁଖ ଆକର୍ଷଣ। ୟୁନିଟ-୪, ନୟାପଲ୍ଲୀ, ଶହୀଦନଗର, ୟୁନିଟ୍-୨, ୟୁନିଟ-୧, ୟୁନିଟ୍-୯, ମାଷ୍ଟରକ୍ୟାଣ୍ଟିନ, ବମିଖାଲ, ବରମୁଣ୍ଡା, ଗଙ୍ଗନଗର, ସପ୍ତସତୀ ନଗର ହାଉସିଂ ୱେଲଫେୟାର ଆସୋସିଏଶନ୍, ପୁରୁଣା ଭୁବନେଶ୍ୱର, ଅଶୋକମାର୍କେଟ ଭଳି ପ୍ରମୁଖ ସ୍ଥାନଗୁଡିକରେ ଗଣେଶ ପୂଜା ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା।

ଅଶୋକ ନଗର ୟୁଥ୍ ଆସୋସିଏଶନ୍ ପକ୍ଷରୁ ଚଳିତବର୍ଷ ୮.୫ ଫୁଟ ଉଚ୍ଚତା ବିଶିଷ୍ଟ ବାସୁମତୀ ଅରୁଆ ଚାଉଳରେ ପ୍ରସ୍ତୁତ ଗଜାନନଙ୍କୁ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଏଥିରେ ୭ କେଜି ବାସୁମତି ଅରୁଆ ଚାଉଳ ଓ ୨ କେଜି କଳା ଜିରା ବ୍ୟବହୃତ ହୋଇଛି। ରାଜସ୍ଥାନର ଏଲୋରା ମଠସ୍ଥିତ ଏକ ମନ୍ଦିର ଆକାରରେ ତୋରଣ ଏବଂ ଶ୍ରୀଜଗନ୍ନାଥଙ୍କ ମୁଖ ସଦୃଶ ଗଣପତିଙ୍କ ମୁଖ ଏଠାରେ ଅନ୍ୟତମ ଆକର୍ଷଣ ସାଜିଥିଲା। ସେହିପରି ୟୁନିଟ୍ -୬ ଗଙ୍ଗନଗରଠାରେ ଜୀବନ ଜ୍ୟୋତି ସେବା ସଂଘ ପକ୍ଷରୁ ୧୨ଫୁଟ୍ ଉଚ୍ଚତାର ଶାଗୁଦାନାରେ ତିଆରି ଗଣେଶଙ୍କ ମୂର୍ତ୍ତି ମୁଖ୍ୟ ଆକର୍ଷଣ ସାଜିଥିଲା। ପ୍ରାୟ ୪୦କେଜି ଶାଗୁଦାନାର ବ୍ୟବହାର କରାଯାଇ ଏହି ମୂର୍ତ୍ତି ତିଆରି ହୋଇଥିବା କହିଛନ୍ତି ଆୟୋଜକ।

ଅନ୍ୟପକ୍ଷରେ ବରଗଡ଼ର ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ୍ ଚଳିତବର୍ଷ ଭୁବନେଶ୍ୱରର ସର୍ବବୃହତ ୫୦ ଫୁଟ ଉଚ୍ଚତା ବିଶିଷ୍ଟ ଗଜାନନଙ୍କ ମୂର୍ତ୍ତି ପୂଜା କରି ରେକର୍ଡ କରିଥିବା ବେଳେ ଶହୀଦନଗରରେ ୱିନର ଆସୋସିଏଶନ୍ ପକ୍ଷରୁ ବିଘ୍ନରାଜଙ୍କର ୪୬ଫୁଟ୍ ଉଚ୍ଚତାର ମୂର୍ତ୍ତି ବିରାଜିତ ହୋଇଛନ୍ତି। ଏଠାର ମୁଖ୍ୟ ଆକର୍ଷଣ ରହିଛି ଗଣେଶଙ୍କ ନିକଟରେ ୫୦ କେଜିର ଲଡୁ ଏବଂ ପ୍ରଭୁଙ୍କ ଦଶାବତାର ରୂପ। ସେହିଭଳି ବୁଦ୍ଧେଶ୍ୱରୀ କଲୋନୀସ୍ଥିତ ମା' ମଙ୍ଗଳା ୟୁଥ୍ କ୍ଲବ୍ ପକ୍ଷରୁ ଏଥର କାଇଁଚ, କଉଡି, ଧାନ ଓ ମୁଗ ଡାଲିରେ ତିଆରି ପ୍ରଭୁ ଶ୍ରୀଗଣେଶଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଛି। ୮.୫ ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶଙ୍କର ଶରୀର ୮.୫ କେଜିର କଉଡି ଓ ୫ କେଜିର କାଇଁଚ, ୨ କେଜିର ଧାନ ଓ ୭.୫ ଶହ ଗ୍ରାମ ମୁଗଡାଲିରେ ତିଆରି କରାଯାଇଛି। ନୟାପଲ୍ଲୀ ନୂଆସାହି ଆଖଣ୍ଡଳମଣି ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜାରେ ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଗଜାନନଙ୍କ ମୂର୍ତ୍ତି ଏବଂ ୩୫ କେଜିର ଲଡୁ ମୁଖ୍ୟ ଆକର୍ଷଣ ସାଜିଛି। ଏହାବ୍ୟତୀତ ବରମୁଣ୍ଡା ସିଦ୍ଧି ବିନାୟକ ଯୁବ ସଂଘ, ହାଉସିଂ ବୋର୍ଡ ଛକ, ନୂଆପଲ୍ଲୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୌମନଗର ହାଟ ବ୍ୟବସାୟୀ ସଂଘ, ୟୁନିଟ୍-୪ ମାର୍କେଟ, ରସୁଲଗଡ଼ ଆଦି ସ୍ଥାନରେ ଆୟୋଜିତ ପୂଜା ମଧ୍ୟ ଚଳିତବର୍ଷର ଆକର୍ଷଣ ସାଜିଛି।


ଧଉଳି ଚାରୁକଳା କଲେଜ ପକ୍ଷରୁ ଭଙ୍ଗା ଚୂଡ଼ିରେ ନିର୍ମିତ ଗଣେଶ


ରସୁଲଗଡ଼ ଶିକ୍ଷାଞ୍ଚଳ ଷ୍ଟାର କ୍ଲବ୍


ଝାରପଡ଼ା ଶାନ୍ତିନଗର କେସିସି ପୂଜା କମିଟି


ବୁଦ୍ଧେଶ୍ୱରୀ କଲୋନୀ ମା' ମଙ୍ଗଳା ୟୁଥ୍ କ୍ଲବ୍


ଝାରପଡ଼ା ମହାବୀର କ୍ଲବ୍


ଜଟଣୀ ହରିଭାଇନା ଛକ


ରସୁଲଗଡ଼ ୟୁଥ୍ କ୍ଲବ୍


ଭୁବନେଶ୍ୱର ୟୁନିଟ୍-୮ ପୂଜା ମଣ୍ଡପ


ନୂଆସାହି ଆଖଣ୍ଡମଣି ପୂଜା ସମିତି


ଜଟଣୀ ନୀଳଚକ୍ର ମାର୍କେଟ୍


ପଳାଶୁଣୀ ପ୍ରାଚୀ ବିହାର ମା' ତାରିଣୀ କ୍ଲବ୍


ଭୁବନେଶ୍ୱର ଡମଣା ସଂସ୍କୃତି ସୁରକ୍ଷା ସମିତି



ଭୁବନେଶ୍ୱର ୟୁନିଟ୍-୩ ହନୁମାନ କ୍ଲବ୍


ରଙ୍ଗମାଟିଆ ମା' ଜାଗେଶ୍ୱରୀ ୟୁଥ୍ କ୍ଲବ୍


ଜଟଣୀ ମେଡିକାଲ ଛକ


ଖୋର୍ଦ୍ଧା ଜେନାମଣି କ୍ଲବ୍


ଜଟଣୀ ଥାନା ଛକ


ଜଟଣୀ ରାଜାବଜାର

## ଜଟଣୀ ଉତ୍ସବମୁଖର

**ଜଟଣୀ,୨୧୯(ଡି.ଏନ୍.ଏ):** ଗଣେଶ ପୂଜା ପାଇଁ ଉତ୍ସବ ମୁଖର ହୋଇପଡ଼ିଛି ଜଟଣୀ ସହର। ରଙ୍ଗବେରଙ୍ଗର ଆଲୋକମାଳାରେ ସ୍ଥାନ ପାଇଥିବା ପ୍ରସିଦ୍ଧ ମନ୍ଦିର, ଦର୍ଶନୀୟ ସ୍ଥାନ, ଚନ୍ଦ୍ରାୟନ-୨, ଡାଇନାସୋର, ଗୁମ୍ଫା ଆଦି ସାଜସଜ୍ଜା ବେଶ୍ ଆକର୍ଷିତ କରୁଛି। ସୁଉଚ୍ଚ ତୋରଣ ଓ ଲାଇଟ୍ ଗେଟ୍ ସହିତ ବିଭିନ୍ନ ଡିଜାଇନ୍‌ରେ ପ୍ରସ୍ତୁତ ସିନ୍‌ସିନେରୀରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ଦର୍ଶନ ପାଇଁ ପୂଜା ପେଣ୍ଡାଲମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ବିଭିନ୍ନ ପୂଜା ମଣ୍ଡପ ବୁଲି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏହା ସହ ପୂଜା ଦାୟିତ୍ୱରେ ଥିବା ମଣ୍ଡପର କର୍ମକର୍ତ୍ତା ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମଥର ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଦେଖିବାର ସୁଯୋଗ ମିଳିଲା ବୋଲି କହିଥିଲେ। ବଢ଼ୁଥିବା ଜନସଂଖ୍ୟା ଦୃଷ୍ଟିରେ ରଖି ଜଟଣୀ ଅଞ୍ଚଳରେ ଆଉ ଏକ ପୋଲିସ ଷ୍ଟେଶନ ହେବ ବୋଲି କମିଶନର ଷଡଙ୍ଗୀ କହିଛନ୍ତି। ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପୋଷ୍ଟ ଅଫିସ ଛକ, ଗ୍ରାମେଶ୍ୱର ନଗର, ଗୋଲେଇ ସାହି, ରଘୁନାଥ ସାହି, ଓଗାଳପଡ଼ା, ଗୋପାଳପୁର, ମା ବାଟଭୁଆଶୁଣି ମନ୍ଦିର ନିକଟ ମେଡିକାଲ ଛକ, ରାଧାମାଧବ ସାହି,ପାଟଣାସାହିରେ ଶ୍ରୀଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ଛତାବର ପଞ୍ଚାୟତର ଗୌରକାଶୀପୁରରେ ଗଣେଶପୂଜା ଉତ୍ସବ ଆୟୋଜିତ ହୋଇଥିବା ବେଳେ ମୀନାବଜାର ସହିତ ଯାତ୍ରା ଶ୍ରଦ୍ଧାଳୁଙ୍କୁ ବେଶ୍ ଆକୃଷ୍ଟ କରୁଥିବା ଜଣାପଡିଛି।


ଜଟଣୀ ପରିବା ଓ ମାଛ ମାର୍କେଟ୍



"ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
-ପୁରୀ ଗଜପତି ଦିବ୍ୟସିଂହଦେବ



ଶହୀଦ ଜୟୀରାଜଗୁରୁ କ୍ଲବ , ତାରେଣୀ କ୍ଲବ, ଅସରଳା ଗ୍ରାମ, ବାଣପୁର ଭେଟେଶ୍ୱର , କୁମ୍ଭୀରପଡା ଅଞ୍ଚଳରେ ବିଭିନ୍ନ ରୂପରେ ପୂଜା ପାଇଥିବା ଶ୍ରୀ ଗଣେଶ ।

# ସବୁଠି ପୂଜା ପାଇଲେ ବିଘ୍ନବିନାଶକ

**ଖୋର୍ଦ୍ଧା ଅଫିସ,୨।୯:**

ଗଣେଶ ପୂଜା ଅବସରରେ ଉତ୍ସବ ମୁଖର ହୋଇପଡିଛି ଖୋର୍ଦ୍ଧା ସହର। ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସହରର ମଣ୍ଡପରେ ପୂଜା ଆରମ୍ଭ ହୋଇଛି। ସୁସଜ୍ଜିତ ଆଲୋକମାଳାରେ ଝଲସି ଉଠୁଛି ଖୋର୍ଦ୍ଧା ସହର। ବାସେଳି ସାହି, ପଲ୍ଲାର ତାରେଣୀ ଓ ବରୁଣେଇ କ୍ଲବର ମୃଣ୍ମୟ ମୂର୍ତ୍ତି ବେଶ୍ ଚିତାକର୍ଷକ ହୋଇଛି। ଚଳିତ ବର୍ଷ ଛୋଟ ବଡ ଅନୁମାନିକ ୧୧୦ ରୁ ଉର୍ଦ୍ଧ୍ୱ କ୍ଲବ ଓ ପୂଜା ପେଣ୍ଡାଲ ଗୁଡିକରେ ଗଣେଶ ପୂଜା ଆୟୋଜିତ ହୋଇଛି। ସନ୍ଧ୍ୟାରେ ପୂଜା ପେଣ୍ଡାଲ ଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏଥର ପୂଜା ଆୟୋଜକମାନେ ମୂର୍ତ୍ତି ପ୍ରତି ବିଶେଷ ଗୁରୁତ୍ୱ ଦେଇଥିବା ଦେଖିବାକୁ ମିଳିଛି। ନବିନାବାଗରେ ଯାତ୍ରା ଭଳି ଦୋକାନ ବଜାର ବି ପଡିଛି। ନୂଆ ବସଷ୍ଟାଣ୍ଡ ବ୍ୟବସାୟୀ ସଂଘ, ଡମସାହି, ଠେଙ୍ଗାହାଟ ଦଶନେଦାଳ ପଡିଆ, ସାମନ୍ତରାପୁର, ଡେଙ୍ଗାହାଟ ମହାବୀର ୟୁଥ୍ କ୍ଲବ, ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସ, ଫରେଷ୍ଟ କଲୋନୀ, ଗୁରୁଜଙ୍ଗ ଜୟୀ ରାଜଗୁରୁ କ୍ଲବ ଓ ଦେୱାନସାହି ଜେନାମଣି କ୍ଲବ ଠାରେ ମଧ୍ୟ ଅନୁରୂପଭାବେ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ସେହିଭଳି ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବିଜେବି ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସିଗ୍‌ମା ପବ୍ଲିକ ସ୍କୁଲ, ମୋନାଲିସା ଇଲିଂଶ ମିଡିୟମ ସ୍କୁଲ ଆଦି ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ଠାକୁରଙ୍କ ପୂଜା କରିଥିଲେ। ବାଣପୁର ବଜାର, ଛିଆଁଙ୍କ ସାହି, ଗାଲୁଆ, ଭୀମପୁର, ଗୋପାଳପୁର, ବିଷରପାଟଣା, ପାଇକସାହି, ପରିଚ୍ଛା ସାହି, ଜଗନ୍ନାଥ ପୁର, କପିଳେଶ୍ୱରପୁର, ବାଲେଇଁ, ଭେଟେଶ୍ୱର, ଗମ୍ଭାରୀମୁଣ୍ଡା ଆଦି ଗ୍ରାମରେ ଗଣପତିଙ୍କ ଆକର୍ଷଣୀୟ ପ୍ରତିମା ପୂଜା ପାଉଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବାଲୁଗାଁ, (ଡି.ଏନ.ଏ.):** ବାଲୁଗାଁ ଅଞ୍ଚଳରେ ଶ୍ରୀଗଣେଶ ପୂଜା ସୋମବାର ଧୁମ୍‌ଧାମରେ ପାଳିତ ହୋଇଯାଇଛି। ବାଲୁଗାଁସ୍ଥିତ ରାମପୁର ଛକଠାରେ ବଜରଙ୍ଗୀ କ୍ଲବ୍, ଉତ୍ତମ ନଗର, ଚିଲିକା ରୋଡ଼, ଷ୍ଟେଶନ ବଜାର, ବସ୍‌ଷ୍ଟାଣ୍ଡ, ବିଦ୍ୟାଧରପୁର ସାହି, ସରଳାପଦର, ଆମ୍ବପଡ଼ା, କୁମ୍ଭୀରପଡ଼ା ଗ୍ରାମରେ ବିଦ୍ୟାଦାତା ଗଣେଶଙ୍କ ପୂଜା କରାଯାଉଛି। ଏଥିସହ ବାଲୁଗାଁ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡ଼ିଏଭି ଗୁରୁକୂଳ, ଭେଙ୍କେଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଏହି ପୂଜା ଅନୁଷ୍ଠିତ ହେଉଛି । ସୁନ୍ଦର ସାଜସଜ୍ଜା ଓ ଆଲୋକମାଳାରେ ପୂଜା ମଣ୍ଡପଗୁଡ଼ିକ ଝଲସି ଉଠୁଛି। ଝିପିଝିପି ବର୍ଷା ସତ୍ତ୍ୱେ ଠାକୁରଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ଅଧିକାଂଶ ପୂଜା ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

**ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ.ଏ.):** ଟାଙ୍ଗୀ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ଯୁବକସଂଘ ପକ୍ଷରୁ ସୋମବାର ବିଦ୍ୟାଦାତା ଶ୍ରୀଗଣନାଥଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବଳରାମଦେବ ବିଦ୍ୟାପୀଠ, ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ରାମକୃଷ୍ଣ ଶିକ୍ଷାକେନ୍ଦ୍ର, ବଡପାରୀ ନୋଡାଲ ହାଇସ୍କୁଲ, ପାରିଓରଡ ହାଇସ୍କୁଲ, ଚାନ୍ଦପୁର ସତ୍ୟସାଇ ବିଦ୍ୟାମନ୍ଦିର, କାଳୁପଡାଘାଟ ନୋଡାଲ ହାଇସ୍କୁଲ, ଚାନ୍ଦପୁର ସରସ୍ୱତୀ ଶିଶୁମନ୍ଦିର, ତାଳଡିହ ପ୍ରାଥମିକ ବିଦ୍ୟାଳୟ, ଜେମାଦେଇପୁର ବୀଣାପାଣି ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରମାନେ ଶ୍ରୀଗଣେଶଙ୍କୁ ପୂଜାର୍ଚ୍ଚନା କରିଥିଲେ। ଟାଙ୍ଗୀର ମୁଖ୍ୟରାସ୍ତା ପାର୍ଶ୍ୱରେ ବିଭିନ୍ନ କ୍ଲବର ୪୫ରୁ ଅଧିକ ପୂଜାମଣ୍ଡପ ନିର୍ମିତ ହୋଇଛି। ସେହିପରି ଚାନ୍ଦପୁର ବଜାରରେ ୧୦ରୁ ଅଧିକ ଓ ବଡପାରୀରେ ୭ଟି ମେଢରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ହୋଇଛି।

**ବୋଲଗଡ,(ଡି.ଏନ.ଏ.)**–ସୋମବାର ଗଣେଶ ଚତୁର୍ଥି ଅବସରରେ ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଭୁ ଗଜାନାନଙ୍କ ମୃଣ୍ମୟ ମୂର୍ତ୍ତି ସୁସଜ୍ଜିତ ପୂଜା ମଣ୍ଡପରେ ପୂଜା ପାଉଛନ୍ତି। କେତେକ ସ୍ଥାନରେ ପୂଜା ମଣ୍ଡପ ନିକଟରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି । ବୋଲଗଡ ଗ୍ରାମରେ ୩୦ଟିରୁ ଉର୍ଦ୍ଧ୍ୱ ସ୍ଥାନରେ ଗଣେଶ ପୂଜା ଆୟୋଜିତ ହୋଇଛି । ସେହିପରି ରାଜସୁନାଖଳା ଗଣେଶ ବଜାର ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଗଣେଶ ମନ୍ଦିରରେ ଠାକୁରଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି । ଏଠାରେ ପ୍ରଭୁ ବିଘ୍ନ ବିନାଶନଙ୍କ ପ୍ରସ୍ତରମୂର୍ତ୍ତି ବର୍ଷ ସାରା ପୂଜା ପାଉଥିବା ବେଳେ ପୂଜା ଅବସରରେ ୪ଦିନ ଧରି ସଂାସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ।

## ସଂକ୍ଷେପରେ

### ବଡହନ୍ତୁଆଡରେ ଗୋଷ୍ଠୀ ସଂଘର୍ଷ
### ଜେଲ ଗଲେ ୭ ଅଭିଯୁକ୍ତ

ଖୋର୍ଦ୍ଧା ଅଫିସ,୨।୯ବାଣପୁର ଥାନା ଅନ୍ତର୍ଗତ ବଡହନ୍ତୁଆଡ ଗ୍ରାମରେ ରବିବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷର ୩ଜଣ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ଦୁଇଟି ପୃଥକ ମାମଲା ରୁଜୁ କରି ସୋମବାର ଉଭୟ ପକ୍ଷର ୭ ଅଭିଯୁକ୍ତଙ୍କୁ ଗିରଫ କରି ବାଣପୁର କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ଭବାନୀ ନାୟକ, ବିଭୂତି ଭୂଷଣ ନାୟକ, ଶିବ ନାୟକ, ବୁଧଦେବ ନାୟକ, ଚିତ୍ରସେନ ନାୟକ, ବିମଳ ନାୟକ ଓ ମହେନ୍ଦ୍ର ନାୟକ। ଜାମିନ ନାମଞ୍ଜୁର ହେବା ପରେ ଏମାନଙ୍କୁ ଜେଲ ପଠାଇଦିଆଯାଇଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ବଡହନ୍ତୁଆଡ ଗ୍ରାମର ଜଣେ ଯୁବତୀ କିଛି ମାସ ପୂର୍ବେ ନିକଟସ୍ଥ ଭାପୁର ଗ୍ରାମରେ ବିବାହ କରିଥିଲେ। କିନ୍ତୁ ବିବାହର କିଛି ଦିନ ପରେ ତଥା ଗତ ଜୁଲାଇ ମାସରେ ଯୁବତୀଜଣଙ୍କ ତାଙ୍କ ପୂର୍ବ ପ୍ରେମିକାଙ୍କ ସହ ଫେରାର ହୋଇଯାଇଥିଲେ। ଏନେଇ ଉଭୟ ପରିବାର ଏବଂ ସମ୍ପର୍କୀୟ ପରସ୍ପରକୁ ଆକ୍ଷେପ କରିବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗ୍ରାମରେ ଗ୍ରାମସଭା ଡକାଯାଇ ଉଭୟଙ୍କୁ ଆଣି ଗ୍ରାମସଭାରେ ଉପସ୍ଥିତ କରାଇବା ପାଇଁ ଫେରାର ହୋଇଥିବା ଯୁବକଙ୍କ ପରିବାରବର୍ଗଙ୍କୁ କୁହାଯାଇଥିଲା। ଉଭୟ ପକ୍ଷ ପରସ୍ପରକୁ ଆକ୍ଷେପ କିମ୍ବା ପ୍ରତି ଆକ୍ଷେପ ନ କରିବା ପାଇଁ ଗ୍ରାମସଭାରେ ନିଷ୍ପତ୍ତି କରାଯାଇଥିଲା। କିନ୍ତୁ ପରସ୍ପର ବିବାଦରେ ଲିପ୍ତ ରହିଥିଲେ। ରବିବାର ରାତିରେ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ଉଭୟ ପକ୍ଷର ସମର୍ଥକମାନେ ଏକତ୍ରିତ ହୋଇ ପରସ୍ପରକୁ ଆକ୍ରମଣ କରିଥିଲେ।

### ଭାସ୍କରେଶ୍ୱର କ୍ଲବର ନୂତନ ଗୃହ ଉଦ୍‌ଘାଟିତ

କଟକ ରୋଡ,୨।୯(ଡି.ଏନ୍.ଏ.): ଭାସ୍କରେଶ୍ୱର କ୍ଲବର ନୂତନ ଗୃହ ସୋମବାର ବଡ଼ଗଡ଼ ବ୍ରିଟ କଲୋନୀରେ ଉଦ୍‌ଘାଟିତ ହୋଇଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ଲବ ପରିସରରେ ଗଣେଶ ପୂଜା ପାଳନ ସହ ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ସଭାପତି କୃପାସିନ୍ଧୁ ସାହୁ, କ୍ଲବ ସଭାପତି ମନୋଜ କୁମାର ପାଢୀ, ସମ୍ପାଦକ ମନୋଜ କୁମାର ସାହୁ, ନିହାର ପ୍ରହରାଜ, ସନ୍ତୋଷ କୁମାର ସିଂହ, ଦେବରାଜ ମହାନ୍ତି, ବିବେକ ପଟ୍ଟନାୟକଙ୍କ ସମେତ ଭାସ୍କରେଶ୍ୱର କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଫୁଟବଲ: ଘାଟିକିଆ କ୍ଲବ ବିଜୟୀ

ପାତ୍ରପଡ଼ା,୨।୯(ଡି.ଏନ୍.ଏ.): ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ମଦନପୁର ଫୁଟବଲ ଲିଗ ଟୁର୍ଣ୍ଣାମେଣ୍ଟରେ ସୋମବାର ଘାଟିକିଆ କ୍ଲବ ୨-୦ ଗୋଲରେ ଭୋଳେଶ୍ୱରୀ କ୍ଲବକୁ ପରାସ୍ତ କରିଥିଲା। ଘାଟିକିଆ କ୍ଲବ ପକ୍ଷରୁ ବିକାଶ ନାୟକ ୨ଟି ଗୋଲ ସ୍କୋର କରିଥିଲେ। ରବିନାରାୟଣ ରଣା, ବିକାଶ କୁମାର ଓ ମନୋରଞ୍ଜନ ମିଶ୍ର ଏହି ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅନିଲ ପାଢୀଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଉଲ୍ଲାସ ଚନ୍ଦ୍ର ବିଦ୍ୟାଧର, ପ୍ରଦ୍ୟୁମ୍ନ ବଳିୟାର ସିଂ, ଦୁର୍ଗାପ୍ରସାଦ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## ବିଜିୟୁରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ସଂକ୍ରାନ୍ତ ସେମିନାର

**ଭୁବନେଶ୍ୱର, ୨।୯ (ବ୍ୟୁରୋ)**



ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଇଣ୍ଡିଆନ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ:ସୁଯୋଗ ଏବଂ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରକୁ କୁଳପତି ଡ.ସୁଧାକର ପଣ୍ଡା ଉଦ୍‌ଘାଟନ କରିଥିଲେ। ମିଟସ୍ ଫୁଡ୍ ପାର୍କର ପରିଚାଳନା ନିର୍ଦ୍ଦେଶକ ଶ୍ରୀରାମ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଉଦ୍ୟୋଗୀଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ଉପଯୋଗ କରି ଏକ ପରିବର୍ତ୍ତନଶୀଳ ସମାଜର ସ୍ୱପ୍ନ ଦେଖିବା ଆବଶ୍ୟକ ବୋଲି ପଣ୍ଡା ଏଥିରେ ଗୁରୁତ୍ୱାରୋପ କରିଛନ୍ତି। ନୂତନ ପିଢିର ଉଦ୍ୟୋଗୀମାନଙ୍କର ଚିନ୍ତାଧାରା ବ୍ୟବହାରିକ ସମସ୍ୟାର ସମାଧାନ ଦିଗରେ ବିନିଯୋଗ ହେବା ଉଚିତ ବୋଲି ସ୍କିଲ୍ସପ୍ରୋର ଜୟଦୀପ ରକ୍ଷିତ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜିୟୁର ଡିନ୍ ଡ.ପରମେଶ୍ୱର ନାୟକ, ଟେଟ୍ରାହେଡ୍ରୋନ ମାନୁଫାକଚରିଂ ସର୍ଭିସେସ୍‌ର ଆଲୋକ ସାହୁ, ଟ୍ରିନିଟି ସ୍କୋଡାର ଶ୍ରୀଲୋକ ମହାପାତ୍ର, ଭିଲ୍ଲା ମାର୍ଟର ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ନବଜାତ ଶିଶୁପୁତ୍ର ଉଦ୍ଧାର

**ପୁରୁଣା ଭୁବନେଶ୍ୱର/ପାତ୍ରପଡ଼ା, ୨।୯ (ଡି.ଏନ୍.ଏ.)**

ଜଣେ ମାନସିକ ବିକାରଗ୍ରସ୍ତ ମହିଳା ସୋମବାର ନବଜାତ ପୁତ୍ରକୁ ଜନ୍ମ ଦେବା ପରେ ଉଭୟଙ୍କୁ ଶିଶୁ କଲ୍ୟାଣ ସମିତି ଉଦ୍ଧାର କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ପାତ୍ରପଡ଼ା ଗ୍ରାମ ନିକଟସ୍ଥ ପଡିଆରେ ମହିଳାଜଣଙ୍କ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଖବରପାଇ ସ୍ଥାନୀୟ ଆଶାକର୍ମୀ ସମ୍ପୃକ୍ତା ମହିଳା ଓ ଶିଶୁପତ୍ରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଶିଶୁ କଲ୍ୟାଣ ସମିତି(ସିଡବ୍ଲ୍ୟୁସି) ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀମାନେ ହସ୍ପିଟାଲରେ ପହଞ୍ଚି ଉଭୟଙ୍କୁ ତାଙ୍କ ହେପାଜତକୁ ନେଇଥିଲେ। ମହିଳାଜଣଙ୍କ ମାନସିକ ବିକାଗ୍ରସ୍ତ ଥିବା ଚାଇଲ୍ଡ ଲାଇନ ଅଧ୍ୟକ୍ଷ ଡ. ବେଣୁଧର ସେନାପତି କହିଛନ୍ତି।

## ୫୦୦ ଚାରା ବାଣ୍ଟିଲେ ମହାବୀର କ୍ଲବ କର୍ମକର୍ତ୍ତା

**କଟକ ରୋଡ,୨।୯(ଡି.ଏନ୍.ଏ.)**

ସବୁଜ ସହର ପାଇଁ ସ୍ଥାନୀୟ ଝାରପଡା ବିଡିଏ କଲୋନୀରେ ଥିବା ମହାବୀର କ୍ଲବ କର୍ମକର୍ତ୍ତାଙ୍କ ପକ୍ଷରୁ ଆରମ୍ଭ ହୋଇଛି ନିଆରା ଉଦ୍ୟମ। ଗଣେଶ ଚତୁର୍ଥୀ ଅବସରରେ କ୍ଲବ କର୍ମକର୍ତ୍ତାଙ୍କ ସହ ରୋଟାରୀ କ୍ଲବ ତୋଷାଳି ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କିସମର ଚାରା ବଣ୍ଟାଯାଇଛି। ପ୍ରଥମ ଦିନରେ ୫୦୦ଚାରା ବଣ୍ଟାଯାଇଥିବା ବେଳେ ଆଗକୁ ୪ହଜାର ଚାରା ବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଥିବା ମହାବୀର କ୍ଲବ ସମ୍ପାଦକ ଦିଲୀପ କୁମାର ଜେନା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ଚନ୍ଦନ ମହାନ୍ତି, ରୋଟାରୀ କ୍ଲବ ତୋଷାଳି ସଭାପତି ଭି. ରାଜଶେଖର ଗନ୍ଧମ୍, ସମ୍ପାଦକ ସାକ୍ୟସିଂହ ପଟ୍ଟନାୟକ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ଶୁଭକାନ୍ତ ପାଢୀଙ୍କ ସହ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ଆଇଆରସିଟିସି ପକ୍ଷରୁ ତ୍ରିଜ୍ୟୋତିର୍ଲିଙ୍ଗ, ସାଇବାବା ଦର୍ଶନ ଯାତ୍ରା

## ୧୨ ଦର୍ଶନୀୟ ସ୍ଥାନ ବୁଲିବେ ଯାତ୍ରୀ

**ଭୁବନେଶ୍ୱର, ୨।୯(ବ୍ୟୁରୋ):**

ଭାରତୀୟ ରେଲୱେ ଏବେ ତୀର୍ଥଯାତ୍ରୀଙ୍କୁ ଧାର୍ମିକ ସ୍ଥଳ ବୁଲାଇବା ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜର ଯୋଜନା କରିଛି। ଗତ ବର୍ଷ 'ରାମାୟଣ ଏକ୍ସପ୍ରେସ' ସଫଳ ହେବା ପରେ ଆଇଆରସିଟିସି ଏଭଳି ଟୁର୍ ପ୍ୟାକେଜ ବିଷୟରେ ଘୋଷଣା କରିଛି। ନଭେମ୍ବର ୭ରୁ ଆରମ୍ଭ ହେବାକୁ ଯାଉଛି 'ତ୍ରିଜ୍ୟୋତିର୍ଲିଙ୍ଗ, ଶିରିଡି ସାଇବାବା ଦର୍ଶନ' ଯାତ୍ରା। ସାତ ଦିନ ଆଠ ରାତିର ଏହି ସ୍ୱତନ୍ତ୍ର ପ୍ୟାକେଜରେ ଯାତ୍ରୀମାନେ କେବଳ ମହାରାଷ୍ଟ୍ରର ୧୨ଟି ଦର୍ଶନୀୟ ସ୍ଥାନ ବୁଲିବାର ସୁଯୋଗ ପାଇବେ। ସ୍ଥାନଗୁଡ଼ିକ ମଧ୍ୟରେ ତିନି ଜ୍ୟୋତିର୍ଲିଙ୍ଗ ଗୃଷ୍ଣେଶ୍ୱର, ତ୍ରୟମ୍ବକେଶ୍ୱର, ଭୀମଶଙ୍କର ମନ୍ଦିର ସହ ଶିରିଡି, ଔରଙ୍ଗାବାଦ, ନାସିକ, ଏଲୋରା, ବିବି କା ମକବାରା, ପଞ୍ଚକି ୱାଟରମିଲ୍, ଶନି ସିଗ୍ନାପୁର, ମୁକ୍ତିଧାମ ଓ ପଞ୍ଚବଟୀ ବୁଲିବେ। ଯାତ୍ରୀମାନେ ନଭେମ୍ବର ୭ରେ ବିଶାଖାପାଟଣାରେ ସକାଳ ୮ଟାରେ ପହଞ୍ଚିବେ। ସେଠାରୁ ଟ୍ରେନ ନଂ.୧୮୫୦୩ରେ ଯାତ୍ରା ଆରମ୍ଭ ହେବ ବୋଲି ଆଇଆରସିଟିସି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯାତ୍ରା ସମୟରେ ଟ୍ରେନରେ ଖାଦ୍ୟପେୟର ସୁବିଧା ସହ ଦର୍ଶନୀୟ ସ୍ଥାନଗୁଡିକୁ ଯିବା ଆସିବା ପାଇଁ ବ୍ୟବସ୍ଥା ମଧ୍ୟ ଆଇଆରସିଟିସି କରିଛି। ଏହି ଯାତ୍ରାରେ କୋଚ୍‌ଟି ତୃତୀୟ ଶ୍ରେଣୀ ଏସି ରହିବ। ଏଥିପାଇଁ ଜଣପିଛା ପ୍ୟାକେଜ ମୂଲ୍ୟ ୧୭,୦୧୫ ଟଙ୍କାରୁ ୨୩,୨୭୦ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଅଧିକ ସୂଚନା ଲାଗି ଆଇଆରସିଟିସି ୱେବସାଇଟ(www.irctctour-ism.com) ଓ ଟେଲିଫୋନ ନଂ.(୦୬୭୪-୨୩୦୩୬୫୭)ରେ ଯୋଗାଯୋଗ କରିବାକୁ କୁହାଯାଇଛି।

## ଟାପଙ୍ଗ ଦଳବେହେରାଙ୍କ ଜୟନ୍ତୀ



ଜୟନ୍ତୀ ଅବସରରେ ଯୋଗ ଦେଇଥିବା ଅତିଥିମାନେ ।

**ଖୋର୍ଦ୍ଧା ଅଫିସ,୨।୯:**

ଟାପଙ୍ଗ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ୨୪୯ତମ ଜୟନ୍ତୀ ନିଜଗଡ ଟାପଙ୍ଗ ଗଡଚୌପାଢ଼ୀରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ମୃତି ପରିଷଦର ସଭାପତି ଇଂ. ଶିଶିର ନାୟକଙ୍କ ଅଧ୍ୟକ୍ଷତାରେ ଆଲୋଚନା ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ କଳିଙ୍ଗ ପାଇକ ସମାରୋହ ପରିଷଦର ଅଧ୍ୟକ୍ଷ କାଳୁ ଚରଣ ଖଣ୍ଡେଇତରାୟ, ସ୍ମୃତି ପରିଷଦର ଉପସଭାପତି ରଞ୍ଜନ ମଙ୍ଗରାଜ, କଳିଙ୍ଗ ପାଇକ ସଙ୍ଗଠନର ପ୍ରତିଷ୍ଠାତା ହଟନାଥ ମଙ୍ଗରାଜ, କାର୍ଯ୍ୟକାରୀ ସମ୍ପାଦକ ସଂଗ୍ରାମ ଜଗଦ୍ଦେବ ଓ ଝିଲିରାଣୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଦଳବେହେରାଙ୍କ ତ୍ୟାଗପୁତ ଜୀବନର ଅବତାରଣା କରିଥିଲେ। ଇତିହାସର ପୁର୍ନଲିଖନ ଓ ଭାରତୀୟ ସେନାରେ କଳିଙ୍ଗ ପାଇକ ରେଜିମେଣ୍ଟ ଗଠନର ଦାବିକୁ ବକ୍ତାମାନେ ଦୋହରାଇଥିଲେ। ପ୍ରାତଃରେ ପ୍ରଭାତ ଫେରି କରାଯାଇ ଦଳବେହେରାଙ୍କ ପ୍ରତିମୂର୍ତ୍ତି ଓ ଶହୀଦ୍‌ଙ୍କ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା।

## ଶ୍ରୀଲିଙ୍ଗରାଜ ମନ୍ଦିର ୨ଘଣ୍ଟା ବିଳମ୍ବରେ ହେଲା ବିନାୟକ ବ୍ରତ

**ପୁରୁଣା ଭୁବନେଶ୍ୱର, ୨।୯(ଡି.ଏନ୍.ଏ)**

ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ବେଢାରେ ଥିବା ଶ୍ରୀବିନାୟକ ମନ୍ଦିରରେ ସୋମବାର ବିନାୟକ ବ୍ରତ ୨ଘଣ୍ଟା ବିଳମ୍ବରେ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ଏହି ବିନାୟକ ମନ୍ଦିରର ପୂଜକ ଦ୍ୱୟଙ୍କ ମଧ୍ୟରେ ସେବା ପୂଜାକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଥିଲା। ଏ ନେଇ ଜଣେ ସେବାୟତ ଦେବୋତ୍ତର କମିଶନରଙ୍କ ନିକଟରେ ଏକ ମାମଲା କରିଥିଲେ। ଘଟଣା ବିଚାରାଧୀନ ଥିବା ବେଳେ ଦେବୋତ୍ତର କମିଶନର ଏକ ଅନ୍ତରୀଣ ବ୍ୟବସ୍ଥା ଅନୁଯାୟୀ ବିଚାରକରି ଯିଏ ମନ୍ଦିରରେ ସେବା କରୁଥିଲେ ସେ କରିବେ ବୋଲି କହିବା ସହ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ନେଇ ଦୁଇ ସେବାୟତଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ଏ ନେଇ ମନ୍ଦିର ପ୍ରଶାସନ ହସ୍ତକ୍ଷେପ କରିବା ପରେ ୨ଘଣ୍ଟା ବିଳମ୍ବରେ ବିନାୟକ ବ୍ରତ ଆରମ୍ଭ ହୋଇଥିଲା।

## ଅଭିନବ ଉପାୟରେ ଠକେଇ

**କୃଷ୍ଣପ୍ରସାଦ,୨।୯(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଜଣେ ବ୍ୟକ୍ତିଙ୍କ ଠାରୁ ଅଭିନବ ଉପାୟରେ ଠକେଇ କରି ଟଙ୍କା ଲୁଟ୍ ହୋଇଛି। ଏଥିସହ ଲୁଟେରାମାନେ ତାଙ୍କୁ ମାଡମାରି ହାତଗୋଡ ବାନ୍ଧି ଜଙ୍ଗଲରେ ପକାଇ ଦେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସମ୍ପୃକ୍ତ ଲୁଟେରାମାନେ ମାଓବାଦୀ ବୋଲି ସନ୍ଦେହ କରାଯାଉଥିବାବେଳେ ଏଥିନେଇ ୨ଦିନ ଧରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

ଏଭଳି ଅଭାବନୀୟ ଘଟଣା ଘଟିଛି କୃଷ୍ଣପ୍ରସାଦ ବ୍ଲକର କୁରୁପାଳ ଗ୍ରାମରେ । କୃଷ୍ଣପ୍ରସାଦ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଗତ ୩୧ ତାରିଖ ଅପରାହ୍ନରେ ଜଣେ ଅଚିହ୍ନା ଯୁବକ କୁରୁପାଳ ଗ୍ରାମର କାଳୁ ଚରଣ ଜେନା(୪୨)ଙ୍କ ଘରକୁ ଯାଇଥିଲେ । କାହ୍ନୁଙ୍କ ଘର ଚାଳଛପର ଥିଲା । ଯୁବକ ଜଣଙ୍କ ଉକ୍ତ ଘରେ କାହିଁକି ଆଜବେଷ୍ଟସ ପକାଇ ନାହଁ ବୋଲି ପରିବାର ଲୋକଙ୍କୁ ପଚାରିଥିଲେ । ପରିବାର ଲୋକେ ଆର୍ଥିକ ସ୍ୱଚ୍ଛଳ ମଧ୍ୟରେ ନ ଥିବାରୁ ଆଜବେଷ୍ଟସ ପକାଇବା ପାଇଁ ଅସମର୍ଥତା ପ୍ରକାଶ କରିଥିଲେ। ତେବେ ସମ୍ପୃକ୍ତ ଯୁବକଙ୍କ ଏକ ଟିଣ ଚାଦର ଫ୍ୟାକ୍ଟ୍ରି ଅଛି ବୋଲି ସେମାନଙ୍କୁ ଜଣାଇଥିଲେ। ବର୍ତ୍ତମାନ କୁରୁପାଳଗାଁ ଠାରୁ ୪ କି.ମି. ଦୂର ଚାରିଛକଠାରେ ଆମ ଗାଡି ଅଛି, ଆମେ ତାହା ଶସ୍ତାରେ ଦେବୁ, ଆପଣ ଟଙ୍କା ନେଇ ଆସନ୍ତୁ ନେଇ ଆସିବେ ବୋଲି ସମ୍ପୃକ୍ତ ଯୁବକ କହିଥିଲେ। ଅପରିଚିତ ଯୁବକଙ୍କ କଥାକୁ ବିଶ୍ୱାସ କରି କାଳୁ ଚରଣ ୭ ହଜାର ୫୦୦ ଟଙ୍କାନେଇ ସନ୍ଧ୍ୟା ୭ ଟାରେ ଯୁବକଙ୍କ ସାଥିରେ ଯାଇଥିଲେ । ଚାରିଛକରେ ଗାଡି ନ ଦେଖି ଯୁବକ କହିଥିଲେ ଆମଟ୍ରକ୍ ଗଉଡ ନୂଆଗାଁ ଯାଇଛି , ମୋ ସାଥିରେ ଅଟୋରେ ଆସ ନେଇ ଆସିବ କହି ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଏକ ଅଟୋରେ ବସାଇଥିଲେ। ଉକ୍ତ ଅଟୋରେ ପୂର୍ବରୁ ୫ ଜଣ ଯୁବକ ବସିଥିଲେ । ଚାରିଛକରୁ କିଛିରାସ୍ତା ଯିବା ପରେ ସେମାନେ କାଳୁଙ୍କ ହାତ ଗୋଡକୁ ବାନ୍ଧି ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ନିସ୍ତୁକ ମାଡମାରି ପକେଟରୁ ଟଙ୍କା ଛଡାଇ ନେଇଥିଲେ ।ସମସ୍ତ ଯୁବକ ମୁଣ୍ଡରେ ଗୋଟିଏ ଲେଖାଏଁ ନାଲି କପଡା ବାନ୍ଧିଥିଲେ । କିଛି ସମୟ ପରେ କୌଶଳ କରି କାଳୁ ହାତଗୋଡରୁ ବନ୍ଧା ଥିବା ଦଉଡି ଫିଟାଇ ଘରକୁ ଚାଲି ଆସିଥିଲେ। କାଳୁ ୧ ତାରିଖରେ କୃଷ୍ଣପ୍ରସାଦ ଥାନାରେ ଏତଲା ଦେଇଥିଲେ । ସେମାନେ ମୁଣ୍ଡରେ ନାଲିଫିତା ବାନ୍ଧିଥିବା ଶୁଣି ମାଓବାଦୀ ସନ୍ଦେହରେ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇଥିବା କହିବା ସହ ସମ୍ପୃକ୍ତ ଦୁର୍ବୃତ୍ତମାନେ ମାଓବାଦୀ କି ଅନ୍ୟକେହି ସେ ନେଇ ତଦନ୍ତ କରାଯାଉଥିବା କହିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୧୯ Bhubaneswar, Tuesday, September 3 /2019

## ସଂକ୍ଷେପରେ

### ଅଟୋରେ ଶିଶୁକନ୍ୟା ଜନ୍ମ ହେବା ଘଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ତଦନ୍ତ କଲା ଟିମ୍

ଖୁଣ୍ଟୁଣୀ,୨।୯(ଡି.ଏନ୍.ଏ.): ଆଠଗଡ଼ ବ୍ଲକ ଗୁରୁଡିଝାଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡ଼ିଥିବା ଯୋଗୁ ଜଣେ ମହିଳା ଏକ ଅଟୋ ଭିତରେ ଶିଶୁକନ୍ୟା ଜନ୍ମଦେବା ଓ ପରେ ଶିଶୁଟିର ମୃତ୍ୟୁ ଘଟିବା ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏନେଇ ସୋମବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଆଠଗଡ ଏସ୍ଡିଏମ୍ଓ ବିଜୟ କୁମାର ମିଶ୍ର, ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଦିଲୀପ ଦାସ ଓ ପ୍ରସୂତି ବିଭାଗ ଡାକ୍ତର ମନୋରଞ୍ଜନ ଦାଶ ପ୍ରମୁଖ ଗୁରୁଡିଝାଟିଆ ଡାକ୍ତରଖାନାରେ ପହଞ୍ଚିଥିଲେ। ଏହି ଟିମ୍ ଡା. ରମେଶ ସିଂ ଓ ଅନ୍ୟ ଷ୍ଟାଫ୍ଙ୍କ ସମେତ ଗୁରୁଡିଝାଟିଆର ବରିଷ୍ଠ ନାଗରିକମାନଙ୍କ ସହିତ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ରବିବାର ଛୁଟିଥିଲେ ମଧ ସେଦିନ ଫାର୍ମାସିଷ୍ଟ ଅଚ୍ୟୁତାନନ୍ଦ ମିଶ୍ର, ଷ୍ଟାଫନର୍ସ ମମତା ସେଠୀ ଓ ଆଟେଣ୍ଡାଣ୍ଟ ବିକ୍ରମ ବେହେରାଙ୍କୁ ଡ୍ୟୁଟିରେ ନିୟୋଜିତ କରାଯାଇଥିଲେ ମଧ ସେମାନେ କେହି ଡାକ୍ତରଖାନାରେ ନ ଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସେହିପରି ଏଠାରେ ପ୍ରତିଦିନ ମଧାହ୍ନ ୧୨ଟା ପରେ ଆଉ ଡାକ୍ତରଖାନା ଖୋଲୁ ନ ଥିବା ସ୍ଥାନୀୟ ସରପଞ୍ଚ ପ୍ରଜ୍ଞାଂଶୁ ମହାପାତ୍ର, ଜିଲା ପରିଷଦ ସଭ୍ୟ କେଶବ ଦଳେଇ, ସାମାଜିକ କର୍ମୀ ବସନ୍ତ ଦଳେଇ ପ୍ରମୁଖ ଅଭିଯୋଗ କରିଥିଲେ। ଏନେଇ ପଦକ୍ଷେପ ନେବା ପାଇଁ ସିଡିଏମ୍ଓ କହିଥିଲେ।

# ବରମୁଣ୍ଡାରୁ ପଳାଶୁଣୀ ନୋ ଓଭରଟେକିଂ ଜୋନ୍

ଭୁବନେଶ୍ୱର,୨।୯(ବ୍ୟୁରୋ)

### ବସ୍ ପାଇଁ କଡ଼ାକଡି ହେଲା କଟକଣା

ବାଇକ ଓ କାର ଚାଳକଙ୍କ ପରେ କମିଶନରେଟ ପୋଲିସର ନଜର ଏବେ ବସ୍ ଉପରେ। ବସ୍ ପାଇଁ କଡାକଡି କଟକଣା ଲାଗୁ ହୋଇଛି। ବରମୁଣ୍ଡାରୁ ପଳାଶୁଣୀ ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ନୋ ଓଭରଟେକିଂ ଜୋନ୍ କରାଯାଇଛି। ସୋମବାର ଅପରାହ୍ନରେ ବସ୍ ମାଲିକଙ୍କୁ ନେଇ କମିଶନରେଟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ନୂଆ ମୋଟର ଯାନ ଆଇନ ଓ ବସ୍ ପାଇଁ ରହିଥିବା ନିୟମ ସମ୍ପର୍କରେ ବସ୍ ମାଲିକମାନଙ୍କୁ ଅବଗତ କରାଯାଇଥିଲା। କୌଣସି ବସ୍ ଅନ୍ୟ ବସ୍କୁ ଓଭରଟେକ୍ କରି ଆଗକୁ ଯିବେ ନାହିଁ। ନିଜ ନିଜ ଲେନ୍ରେ ଯିବାଆସିବା ପାଇଁ ଡ୍ରାଇଭରମାନଙ୍କୁ ଅବଗତ କରାଇବାକୁ କୁହାଯାଇଛି। ଏଥିପାଇଁ ୫ଦିନ ମହଲତ ଦିଆଯାଇଛି। ଡ୍ରାଇଭରମାନେ ନିୟମ ନ ମାନିଲେ ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଜରିମାନା ଆଦାୟ କରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ବିଶେଷକରି ବସ୍ଗୁଡ଼ିକୁ ମନଇଚ୍ଛା ରାସ୍ତା ଉପରେ ରଖି ହର୍ନ ବଜାଇବା ସହ ଲୋକ ଉଠାଇବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏଣିକି ଏପରି କଲେ ୧ହଜାର ଟଙ୍କା ଜରିମାନା ଆଦାୟ ହେବ ବୋଲି ମାଲିକଙ୍କୁ ଜଣାଇ ଦିଆଯାଇଛି। ଡ୍ରାଇଭରମାନେ ବସ୍କୁ କେଉଁଠି ପାର୍କିଂ କରିବେ ଓ କରିବେ ନାହିଁ ସେନେଇ ପ୍ରତି ବସ୍ ଏବଂ ରାସ୍ତାରେ ସୂଚନାଫଳକ ଲଗାଯିବ। ମଙ୍ଗଳବାର ଅତିରିକ୍ତ ଟ୍ରାଫିକ ଡିସିପି ଅମରେଶ ପଣ୍ଡା ଓ ଟ୍ରାଫିକ୍ ଏସିପି କେ.କେ ପାଣିଗ୍ରାହୀ କ୍ଷେତ୍ର ଅନୁଧ୍ୟାନ କରି ବରମୁଣ୍ଡାରୁ ପଳାଶୁଣୀ ପର୍ଯ୍ୟନ୍ତ ୫ ବସ୍ ଷ୍ଟପ୍ ଚିହ୍ନଟ କରିବେ। ବସ୍ଗୁଡିକ ବାଣୀବିହାର ତଳକୁ ନ ଆସି ଓଭରବ୍ରିଜ୍ ଦେଇ ବରମୁଣ୍ଡା ଯିବା ପାଇଁ ପୋଲିସ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ବାଣୀବିହାର ଓଭରବ୍ରିଜ୍ ତଳୁ ଅଧିକାଂଶ ଯାତ୍ରୀ ଉଠୁଥିବାରୁ ବସ୍ ମାଲିକ ସଂଘ ରାଜି ହୋଇ ନ ଥିଲେ। ତେଣୁ ଦ୍ୱିତୀୟ ବୈଠକରେ ଏନେଇ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହି ବୈଠକରେ ଲିଙ୍ଗରାଜ ବସ୍ ମାଲିକ ଆସୋସିଏଶନ, ରାଜଧାନୀ ବସ୍ ମାଲିକ ଆସୋସିଏଶନ ଓ ଭୁବନେଶ୍ୱର ବସ୍ ମାଲିକ ଆସୋସିଏଶନ ସଭାପତିମାନେ ସାମିଲ ଥିଲେ। ଅତିରିକ୍ତ ଟ୍ରାଫିକ ଡିସିପି ଅମରେଶ ପଣ୍ଡା, ଟ୍ରାଫିକ୍ ଏସିପି କେ.କେ. ପାଣିଗ୍ରାହୀ, ଟ୍ରାଫିକ ଇନ୍ସପେକ୍ଟର ସୁରେନ୍ଦ୍ରନାଥ ଭଳ ପ୍ରମୁଖ ଉପସ୍ଥିତ ଥିଲେ।

■ ଗଣେଶ ପୂଜା ପାଇଁ ଟ୍ରାଫିକ କଟକଣା କୋହଳ

# ଜରିମାନା ବଦଳରେ ସଚେତନ କଲେ ପୋଲିସ



ବାଇକ୍ ଚାଳକଙ୍କୁ ପୋଲିସ ସଚେତନ କରୁଛି।

ଭୁବନେଶ୍ୱର,୨।୯(ବ୍ୟୁରୋ)

ସାରା ଦେଶରେ ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ଉଲ୍ଲଂଘନକାରୀଙ୍କଠାରୁ ୧୦ଗୁଣା ପର୍ଯ୍ୟନ୍ତ ଜରିମାନା ଆଦାୟ ଆରମ୍ଭ ହୋଇଛି। ରବିବାର ପ୍ରଥମ ଦିନରେ ଯାଞ୍ଚ କଡାକଡି କରାଯିବାରୁ ନିୟମ ମାନୁ ନ ଥିବା ଲୋକେ ୨ଲକ୍ଷ ୧୩ହଜାର ଟଙ୍କା ଦଣ୍ଡ ଗଣିଥିଲେ। ତେବେ ସୋମବାର ଲୋକେ ବେଶ୍ ସଚେତନ ହୋଇପଡିଥିବା ଦେଖିବାକୁ ମିଳିଥିଲା। ଯେଉଁ ଅଞ୍ଚଳରେ ଯାଞ୍ଚ ହେଉଥିବା ଜାଣୁଥିଲେ ଗାଡ଼ି ଚାଳକମାନେ ହେଲ୍ମେଟ ଓ ସିଟ୍ ବେଲ୍ଟ ପିନ୍ଧିବା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ଅନ୍ୟପକ୍ଷରେ ଗଣେଶ ପୂଜା ପାଇଁ ଟ୍ରାଫିକ ପୋଲିସ ପକ୍ଷରୁ ଏହି କଟକଣା କୋହଳ କରାଯାଇଥିଲା। ପୂର୍ବରୁ ଚେକିଂ କରାଯାଉଥିବା ସ୍ଥାନରେ ପୋଲିସ ନୂଆ ନିୟମ ସଂକ୍ରାନ୍ତରେ ସଚେତନ କରିଥିଲେ। ପୋଲିସ ହାତରେ ଇ-ଚାଲାଣ ମେଶିନ ବଦଳରେ ଥିଲା ଲିଫ୍ଲେଟ୍। ରାଜଧାନୀର ପ୍ରମୁଖ ଛକ ଏଜି ଛକ, ନାଲ୍କୋ ଛକ, ଆଚାର୍ଯ୍ୟ ବିହାର ଛକ, ଜୟଦେବ ବିହାର ଛକ, ଲକ୍ଷ୍ମୀସାଗର, ବଡ଼ଗଡ, ପଟିଆ ଆଦି ଅଞ୍ଚଳର ଛକ ସ୍ଥାନରେ ପୋଲିସ ନିୟମ ଉଲ୍ଲଂଘନକାରୀ ଗାଡି ଚାଳକଙ୍କୁ ଅଟକାଇ ସଚେତନ କରିଥିଲା। ମଙ୍ଗଳବାରଠାରୁ ପୁନର୍ବାର ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ଟ୍ରାଫିକ ଏସିପି କେ.କେ ପାଣିଗ୍ରାହୀ କହିଛନ୍ତି।

# ୫ ମାସ ପରେ ବି ଗିରଫ ହୋଇନାହାନ୍ତି ଅଭିଯୁକ୍ତ

ଲଳିତଗିରି,୨।୯(ସ୍ୱ.ପ୍ର.)

### ସମ୍ପର୍କୀୟା ଭାଣିଜୀଙ୍କୁ ପୋଲିସ ଏସ୍ଆଇଙ୍କ ବଳାତ୍କାର ଘଟଣା

ଯାଜପୁର ଜିଲା ବରୁଆଁ ସଦର ଥାନାରେ ପୋଲିସ ଏସ୍ଆଇ ଥିବା କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ସୁରେନ୍ଦ୍ର ଜେନା ସାଲେପୁରରେ ତାଙ୍କର ଜଣେ ସମ୍ପର୍କୀୟା ଭାଣିଜୀଙ୍କୁ ବଳାତ୍କାର କରିଥିଲେ। ଏନେଇ ଯୁବତୀ ଜଣକ ଗତ ଏପ୍ରିଲରେ ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗକୁ ୫ ମାସ ବିତିଯାଇଥିଲେ ମଧ ପୋଲିସ କେବଳ ମାମଲା ରୁଜୁ କରି ବସିପଡ଼ିଛି। ଯାହାଫଳରେ ପୁଣି ରବିବାର ଯୁବତୀ ଥାନାକୁ ଆସି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଘଟଣା ପଦାକୁ ଆସିବା ପରେ ପୋଲିସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଅଭିଯୋଗ ହେବା ପରଠାରୁ ଏସ୍ଆଇ ଜେନା ଛୁଟିରେ ପଳାଇଛନ୍ତି।

ସୂଚନା ଅନୁସାରେ, ଯୁବତୀ ଜଣକ ରାଜ୍ୟ ବାହାରେ ରହୁଥିବାରୁ ଗତ ଡିସେମ୍ବରରେ ଘରକୁ ଆସିଥିଲେ। ଏହି ସମୟରେ ଏସ୍ଆଇ ଜେନାଙ୍କ ସହ ତାଙ୍କର ସାଲେପୁରରେ ଦେଖା ହୋଇଥିଲା। ସେତେବେଳେ ଏସଆଇ ଜେନା ରାଇରଙ୍ଗପୁରରେ ଥିବାରୁ ପ୍ରଥମେ ସେଠାକୁ ଯୁବତୀଙ୍କୁ ଡାକି ବଳାତ୍କାର କରିଥିଲେ। ଏ କଥା କେଉଁଠି ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ସେ ଚୁପ୍ ରହିଥିଲେ। କିଛିଦିନ ପରେ ଏସ୍ଆଇ ଜେନା ଯାଜପୁର ସଦର ଥାନାକୁ ଆସିବାରୁ ସାଲେପୁରରେ ଥିବା ତାଙ୍କ ବଡ଼ଭାଇଙ୍କ ଘରକୁ ଯୁବତୀଙ୍କୁ ନେଇଥିଲେ। ସେଠାରେ ମଧ ବଳାତ୍କାର କରିଥିଲେ। ଏପରି ୨ ଥର ହେବାରୁ ଯୁବତୀ ସାଲେପୁର ଥାନାରେ ଏତଲା ଦେବାକୁ ଯାଇଥିଲେ। ହେଲେ ପୋଲିସ ଏତଲା ରଖି ନ ଥିଲା। ଏପ୍ରିଲ ୨୪ରେ ସେ କଟକ ମହିଳା ଥାନାରେ ଏତଲା ଦେଇଥିଲେ। ମହିଳା ଥାନା ପୋଲିସ ନଂ-୧୯/୧୯ରେ ମାମଲା ରୁଜୁ କରି ସାଲେପୁର ଥାନାକୁ ହସ୍ତାନ୍ତର କରିଥିଲା। ସାଲେପୁର ପୋଲିସ ମାମଲା ନଂ-୯୨/୧୯ରେ ଦଫା ୩୭୬, ୩୫୪ ଓ ୫୦୬ ରୁଜୁ କରିଛି। ଘଟଣା ସମ୍ପର୍କରେ ଯାଜପୁର ଏସପିଙ୍କୁ ଜଣାଇବାର ନିୟମ ଥିଲେ ମଧ ପୋଲିସ ତାହା କରିନାହିଁ। ଏ ସମ୍ପର୍କରେ ଥାନା ଅଧିକାରୀ ଦେବେନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ତଦନ୍ତ ଜାରି ରହିଛି। ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ଖୁବ୍ଶୀଘ୍ର ତାଙ୍କୁ ଗିରଫ କରାଯିବ।

# କ୍ଷତିପୂରଣ ପାଇଁ ଏନ୍ଏଚ୍ଆର୍ସିରେ ପିଟିଶନ

ଭୁବନେଶ୍ୱର,୨।୯(ବ୍ୟୁରୋ)

### ଅଟୋରେ ଶିଶୁକନ୍ୟା ଜନ୍ମ ହେବା ଘଟଣା

କଟକ ଜିଲା ଆଠଗଡ଼ ବ୍ଲକ ଗୁରୁଡିଝାଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡ଼ିଥିବାରୁ ପ୍ରସବ ପାଇଁ ଆସିଥିବା ଜଣେ ମହିଳା ଆଟୋରେ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ହେଲେ ଜନ୍ମର ଦୁଇ ଘଣ୍ଟାପରେ ଶିଶୁ କନ୍ୟାର ମୃତ୍ୟୁ ଘଟିଥିଲା। ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରୁଥିବାବେଳେ ଘଟଣାକୁ ନେଇ ସୋମବାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହିମାଂଶୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ମୃତ ଶିଶୁକନ୍ୟାର ପରିବାର ଲୋକଙ୍କୁ ୪ ସପ୍ତାହ ମଧ୍ୟରେ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଏହାସହ ସ୍ୱାସ୍ଥ୍ୟ ସଚିବ ଘଟଣାର ନିରପେକ୍ଷ ତଦନ୍ତ କରି କାର୍ଯ୍ୟରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବାକୁ ସେ କମିଶନଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖମାରନୂଆଗାଁର କୁନି ମହାରଣା ରବିବାର ପ୍ରସବକାଳୀନ ଯନ୍ତ୍ରଣା ଅନୁଭବ କରିବାରୁ ସ୍ୱାମୀ ପ୍ରକାଶ ତାଙ୍କୁ ଏକ ଅଟୋରେ ଗୁରୁଡିଝାଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତରଖାନାରେ କେହି କର୍ମଚାରୀ ନ ଥିବାବେଳେ ଗେଟ୍ରେ ତାଲା ପଡ଼ିଥିଲା। ପ୍ରାୟ ଏକ ଘଣ୍ଟାଧରି ଡାକ୍ତରଙ୍କୁ ଅପେକ୍ଷା କରିବା ପରେ କୁନି ଉକ୍ତ ଅଟୋରେ ଏକ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ। ପରେ ପ୍ରକାଶ ଆମ୍ବୁଲାନ୍ସ ଡାକି ଉଭୟ ମା’ ଓ ଶିଶୁକନ୍ୟାଙ୍କୁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଶିଶୁ କନ୍ୟାଙ୍କୁ ବେଡ୍କୁ ନିଆଯିବା ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ନିର୍ଦ୍ଦେଶ ଦେଇଥିଲେ।

# ‘ଯୁବ ଶିଳ୍ପୋଦ୍ୟୋଗୀଙ୍କ ପାଇଁ ଭାରତ ମସଲା ଆଦର୍ଶ’

କଟକ ଅଫିସ/ ନରାଜ/ବାରଙ୍ଗ(ଡି.ଏନ୍.ଏ.), ୨।୯



କେନ୍ଦ୍ର ପାଣିପାଗ ବିଶେଷଜ୍ଞ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଭାରତ ଗୌରବ ସମ୍ମାନ ପ୍ରଦାନ କରାଯାଉଛି।

### ଭାରତ ପ୍ରତିଭା ସମ୍ମାନ

■ପାଣିପାଗ ବିଶେଷଜ୍ଞ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଭାରତ ଗୌରବ ସମ୍ମାନ

ହଜାରେ ଟଙ୍କାରେ ଆରମ୍ଭ ହୋଇଥିବା ଭାରତ ମସଲା ଏବେ ହଜାରେ କୋଟିର ଶିଳ୍ପ। ସୁରେନ୍ଦ୍ର ପଣ୍ଡା ନିଜ ଉଦ୍ୟମରେ ଆଜି ଏହି ଅନୁଷ୍ଠାନକୁ ଯେଉଁ ସ୍ଥାନରେ ପହଞ୍ଚାଇଛନ୍ତି ତାହା ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ। ଭାରତ ମସଲା ଉଦ୍ୟୋଗ ବର୍ତ୍ତମାନର ଯୁବ ଶିଳ୍ପୋଦ୍ୟୋଗୀଙ୍କ ଲାଗି ଆଦର୍ଶ ପାଲଟିଛି ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ଜୟ ଭାରତ ଫାଉଣ୍ଡେଶନ ଓ ଭାରତ ମସଲା ପକ୍ଷରୁ ବାରଙ୍ଗ ବ୍ଲକ ଅଧୀନ ରାମଦାସପୁରଠାରେ ଥିବା ଭାରତ ମସଲା କମ୍ପାନୀ ପରିସରରେ ଭାରତ ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ତୋମାର ଯୋଗଦେଇ ଏହା କହିଥିଲେ। ଗତବର୍ଷ ଭଳି ଚଳିତବର୍ଷ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରତିଭାମାନଙ୍କୁ ଏହି ସମାରୋହରେ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନର ମ୍ୟାନେଜିଂ ଡାଇରେକ୍ଟର ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଭାରତ ମସଲା ୪୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ରୋଜଗାର ପ୍ରଦାନ କରି ସ୍ୱାବଲମ୍ବୀ କରାଇବା ସହିତ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଉଦାହରଣ ପାଲଟିଛି। ଏଥିରେ କଟକ ଏମ୍ପି ଭର୍ତ୍ତୃହରି ମହତାବ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଜିଏସଟି ଆଣ୍ଡ କଷ୍ଟମ୍ସ ପୂର୍ବତନ ବୋର୍ଡ ସଦସ୍ୟ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଜୟ ଭାରତ ଫାଉଣ୍ଡେଶନର ଉପଦେଷ୍ଟା ପ୍ରଫୁଲ୍ଲ ସିଂ ମଞ୍ଚାସୀନ ଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ କେନ୍ଦ୍ର ପାଣିପାଗ ବିଶେଷଜ୍ଞ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଭାରତ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବିଶିଷ୍ଟ ଲେଖକ ଡ. ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ କଥା ଭାରତ ସମ୍ମାନ, ଏମ୍ପି ପ୍ରମିଳା ବିଶୋଇଙ୍କୁ ସେବା ଭାରତ ସମ୍ମାନ, କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ମହିଳା କ୍ରିକେଟ ଦଳର ସଦସ୍ୟା ମାଧୁରୀ ମେହେଟାଙ୍କୁ କ୍ରୀଡା ଭାରତ ସମ୍ମାନ, ଅଭିନେତା ଆକାଶ ଦାସ ନାୟକଙ୍କୁ ସଂସ୍କୃତି ଭାରତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ କୋରାପୁଟ ଜିଲା ଜୟପୁରସ୍ଥିତ ବିକ୍ରମ ଦେବ ଜୁନିୟର କଲେଜ ଯୁକ୍ତଦୁଇ କଳା ଛାତ୍ର ଅଜୟ ପାତ୍ର, ବାଲେଶ୍ୱର ଫକୀର ମୋହନ ଜୁନିୟର କଲେଜ ବିଜ୍ଞାନ ଛାତ୍ର ପ୍ରୀତିଶ ବେହେରା ଓ ରାଉରକେଲା ସରକାରୀ ଜୁନିୟର କଲେଜ ବାଣିଜ୍ୟ ଛାତ୍ର ଶୁଭମ୍ ଶର୍ମାଙ୍କୁ ବିଦ୍ୟା ଭାରତ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସାଧାରଣ ପରିଚାଳକ ଅରୁଣ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଭାରତ ମସଲାର ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ଏବଂ ଦିଗନ୍ତ କୁମାର ପଣ୍ଡା, ଲୋକସମ୍ପର୍କ ଅଧିକାରୀ ସୁଲଗ୍ନା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜୟ ଭାରତ ଫାଉଣ୍ଡେଶନର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା କମ୍ପାନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




ସତ୍ୟମେବ ଜୟତେ
‘ନୂଆଖାଇ’ -୨୦୧୯ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ ‘ନୂଆଖାଇ’ ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)



ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଖାଇ ଜୁହାର୍

ପଶ୍ଚିମ୍ ଓଡ଼ିଶାର୍ ଭାଏ ବହେନ୍ ମାନ୍ଙ୍କୁ ମୋର୍ ନୂଆଖାଇ ଜୁହାର୍ । ମା ସମ୍ଲେଶ୍ୱରୀଙ୍କ ଦୟାରୁ ଆପଣ ମାନ୍ଙ୍କର୍ କୁଟୁମ୍ବ, ପିଲାଛୁଆ ସଭେ ଭଲ୍ରେ ରହୁନ୍ । ଚାଷ୍‌ବାସ୍, ବେପାର୍ ବାଡି ସବୁ ଭଲ୍ରେ ହଉ । ଇଟା ମୋର୍ କାମନା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



‘ନୂଆଖାଇ’ – ୨୦୧୯ ଅବସରରେ
ବାର୍ତ୍ତା

କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଉପଲକ୍ଷେ ମୁଁ ପଶ୍ଚିମ ଓଡ଼ିଶାର ସମସ୍ତ ଭାଇଭଉଣୀ ତଥା ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସଂପ୍ରୀତି ଓ ସମୃଦ୍ଧିର ଏହି ଲୋକପର୍ବରେ ଆରାଧ୍ୟା ଦେବୀ ମା’ ସମଲେଇ ସମସ୍ତଙ୍କୁ କୃପା କରନ୍ତୁ, ଧରିତ୍ରୀ ମା’ ଶସ୍ୟ ଶ୍ୟାମଳା ହେଉ, କୃଷକମାନେ ସଶକ୍ତ ହୁଅନ୍ତୁ ଏବଂ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଉଲ୍ଲାସ ଭରିଯାଉ, ଏହାହିଁ କାମନା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-22
15001/13/0033/1920


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
-ପୁରୀ ଗଜପତି ଦିବ୍ୟସିଂହଦେବ



# ପୂଜା ପାଇଲେ ବିଘ୍ନ ବିନାଶକ



ବାଙ୍କୀ ଟାଉନ୍ କ୍ଲବରେ ପୂଜା ପାଉଥିବା ଗଣେଶ

ବାଙ୍କୀ,୨।୯(ସ୍ୱ.ପ୍ର.)

ବିଘ୍ନ ବିନାସକ ପ୍ରଭୁ ଶ୍ରୀଗଣେଶ ସୋମବାର ଧରାଧାମରେ ଅବତରଣ କରିଛନ୍ତି। ଏହିକ୍ରମରେ କଟକ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ/ବେସରକାରୀ କାର୍ଯ୍ୟାଳୟ, କ୍ଲବ ଓ ଯୁବ ସଙ୍ଗଠନ ପକ୍ଷରୁ ପ୍ରଭୁଙ୍କୁ ବେଶ୍ ଶ୍ରଦ୍ଧା ଓ ଭକ୍ତିର ସହ ପୂଜା କରାଯାଇଛି। ବାଙ୍କୀ ଉପଖଣ୍ଡରେ ଏହି ପୂଜା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ, ସରକାରୀ ବାଳିକା ହାଇସ୍କୁଲ, ଚର୍ଚ୍ଚିକା ନୋଡାଲ ୟୁପିସ୍କୁଲ, ବିବେକାନନ୍ଦ ପବ୍ଲିକ ସ୍କୁଲ, ରାଣୀ ଶୁକଦେଈ ମହିଳା କଲେଜ, ଟାଉନ କ୍ଲବ ପୂଜା ମଣ୍ଡପ, ଚର୍ଚ୍ଚିକା ବାପୁଜୀ ସେବା ସଂଘ, ନୃସିଂହ ଛକ ପୂଜା କମିଟି, ବେଦପୁର, ଶିଶୁଆ, ଚକାପଦା, ଖମାରଙ୍ଗ, କରବର, ଜଳେଶ୍ୱର ଛକ, ରଗଡ଼ି ଶାସନ ସାହି, ତାଳବସ୍ତ, ବ୍ରହ୍ମପୁରା, ବୈଦେଶ୍ୱର ଆଦି ଅନେକ ସ୍ଥାନରେ ପୂଜା ହୋଇଛି। ସକାଳେ ମା'ଚର୍ଚ୍ଚିକାଙ୍କ ପୀଠସ୍ଥଳ ଶ୍ରୀଗଣେଶ ଓ ମା'ଚର୍ଚ୍ଚିକାଙ୍କ ନିକଟରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ଚର୍ଚ୍ଚିକା ଐଶାନେଶ୍ୱର ପୀଠସ୍ଥ ଶ୍ରୀଗଣେଶଙ୍କ ମନ୍ଦିରରେ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ।

**ମାହାଙ୍ଗା,(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକରେ କ୍ଲବ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ଆୟୋଜିତ ପୂଜା ପ୍ରତିଯୋଗିତାମୂଳକ ହୋଇଛି। ମୂଳବସନ୍ତ ବ୍ରାହ୍ମଣ ସାହିରେ ୭ ଦିନ ଧରି ପୂଜା ପାଳିତ ହେଉଛି। ସେହିପରି ଚକ ମଧୁପୁର, ଶଶିଲୋ, ଡମଣିସିଂହପୁର ଏବଂ ପୋଡାମରାଇଠାରେ ପୂଜା ସପ୍ତାହ ଧରି ପାଳିତ ହେବାର କାର୍ଯ୍ୟକ୍ରମ ରହିଛି। ଅନୁରୂପଭାବେ କୁହୁଣ୍ଡା ଯୁବ ଜ୍ୟୋତି ସାଂସ୍କୃତିକ କ୍ଲବ, ଜଳେଶ୍ୱରପୁର ପରିଡାପାଟଣା ଗଣେଶ ପୂଜା କମିଟି ପକ୍ଷରୁ ପୂଜା ଅନୁଷ୍ଠିତ ହୋଇଛି।

**ଆଠଗଡ଼,(ସ୍ୱ.ପ୍ର.):** ଆଠଗଡ଼ର ବିଭିନ୍ନ ଅନୁଷ୍ଠାନରେ ଗଜାନନଙ୍କ ପୂଜା ପାଳିତ ହୋଇଛି। ଗୋପବନ୍ଧୁ ବିଜ୍ଞାନ କଲେଜ, ମହିଳା କଲେଜ, ସରକାରୀ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ, ବିଶ୍ୱନାଥ ବିଦ୍ୟାପୀଠ, ସରକାରୀ ବାଳିକା ହାଇସ୍କୁଲ, ମହାତ୍ମା ଗାନ୍ଧୀ ଇଂରାଜୀ ମାଧ୍ୟମିକ ସ୍କୁଲ, ଜାଭିୟର ହାଇସ୍କୁଲ, ବାଣୀକଣ୍ଠନଗରନସ୍ଥିତ ଶିଶୁ ବିଦ୍ୟାମନ୍ଦିର, ରାସରସିକପୁର ସରସ୍ୱତୀ ଶିଶୁମନ୍ଦିର, ବିଶ୍ୱନାଥ ଆଦର୍ଶ ଉପ୍ରା ସ୍କୁଲ, ରାସରସିକ ପୁର ଉନ୍ନୀତ ଉପ୍ରା ସ୍କୁଲ, ଟାଉନଏମଇ ସ୍କୁଲରେ ଛାତ୍ରୀଛାତ୍ର ପୂଜା ପାଳନ କରିଛନ୍ତି। ସେହିପରି ଆଠଗଡ଼ ଗଦାସାହିର ଗୋଲଡେନ କ୍ଲବ, ପଦ୍ମସାହି ପୂଜା କମିଟି, ପୁରୁଣା ବସଷ୍ଟାଣ୍ଡସ୍ଥିତ ଫ୍ରେଣ୍ଡସ କ୍ଲବ, ଚାନ୍ଦବାଲି ଛକର ମହାବୀର କ୍ଲବ, କଣ୍ଟ୍ରୋଲ ଯୁବକ ସଂଘ, ଗୋଲଡେନ ଇଗଲ କ୍ଲବ, ଜୟଦୁର୍ଗା କ୍ରିକେଟ କ୍ଲବ, ମା' ଚଣ୍ଡି କ୍ଲବ, ସତୀ ଚଉରା ପୂଜା କମିଟି, ରାସରସିକପୁର ଯୁବକ ସଂଘ, ଲିଙ୍ଗରାଜ ନଗର ପୂଜା କମିଟି, ମେଡିକାଲ ପରିସରର ତ୍ରିନାଥ କମିଟି, ଆଦ୍ୟାଶକ୍ତି ଯୁବକ ସଂଘ ଆଦି ଅନୁଷ୍ଠାନରେ ପୂଜା ପାଳିତ ହୋଇଛି।

**ତିଗିରିଆ,(ଡି.ଏନ.ଏ.):** ତିଗିରିଆ ବ୍ଲକ ଅଞ୍ଚଳରେ ଗଜାନନଙ୍କ ପୂଜା ପାଳିତ ହୋଇଛି। ବ୍ଲକର ପାଞ୍ଚଗାଁ ବଜାର ମଧ୍ୟରେ ଗୋଲ୍ଡେନ କ୍ଲବ, ଦିବ୍ୟଜ୍ୟୋତି ଆସୋସିଏଶନ, ସନ୍‌ସାଇନ କ୍ଲବ, ରାଇଜିଂଷ୍ଟାର, ଜୟଗଣେଶ, ଗଜାନନ, ରୟାଲ ଡାଇମଣ୍ଡ, ଫ୍ରିଣ୍ଡ ଆସୋସିଏଶନ୍, ସାଇନିଂ କ୍ଲବ, ଚ୍ୟାଲେଞ୍ଜର୍ସ କ୍ଲବ, ଦିଗ୍‌ବିଜୟ ଆସୋସିଏଶନ୍, ଷ୍ଟ୍ରିମ୍‌ଲାଇନ ଏବଂ ସିଦ୍ଧି ବିନାୟକ କ୍ଲବ ଏପରି ୧୩ ମଣ୍ଡପରେ ପୂଜା ଚାଲିଥିବା ବେଳେ ନିଜିଗଡ଼ରେ ୯ରୁ ଊର୍ଦ୍ଧ୍ୱ ମଣ୍ଡପ, ହସ୍ତତନ୍ତ ପ୍ରସିଦ୍ଧ ନୂଆପାଟଣା ଓ ଜେମାଦେଇପୁର ଅଞ୍ଚଳର ୪ ପ୍ରମୁଖ ବଜାର ମଙ୍ଗଳାବଜାର, ଦୁର୍ଗା ବଜାର, ଚଣ୍ଡୀ ବଜାର, କଳାପାଟ ବଜାରରେ ବିଭିନ୍ନ କ୍ଲବ ସହିତ ଉଭୟ ଗ୍ରାମର ସାହିଗଳିରେ ୨୫ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଳିତ ହୋଇଛି।

**ଲଳିତଗିରି,(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ପୋଡ଼ାମରାଇ ଗଣେଶ ପୂଜା କମିଟି ପକ୍ଷରୁ ୧୦ ଦିନିଆ ଗଣେଶ ପୂଜା ଓ ରୌପ୍ୟ ଜୟନ୍ତୀ ଉତ୍ସବ ଆରମ୍ଭ ହୋଇଛି। ମାହାଙ୍ଗା ବିକାଶ ପରିଷଦ ଅଧ୍ୟକ୍ଷ ସାରଦା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଠାରେ ନୂଆଦିଲ୍ଲୀ ଅକ୍ଷରଧାମ ଢାଞ୍ଚାରେ ତୋରଣ ନିର୍ମାଣ କରାଯାଇଛି। ତାହା ଶ୍ରଦ୍ଧାଳୁଙ୍କୁ ବେଶ ଆକର୍ଷିତ କରୁଛି।

**ନେମାଳ,(ଡି.ଏନ.ଏ.):** ନେମାଳ ଓ ଏହାର ଆଖପାଖ ଅଞ୍ଚଳରେ ଗଣେଶ ପୂଜା ପାଳିତ ହୋଇଛି। ରଙ୍ଗିନ ଆଲୋକମାଳାରେ ସମଗ୍ର ମଣ୍ଡପ ଝଲସି ଉଠୁଛି। ନେମାଳ ଫ୍ରେଣ୍ଡସ ୟୁନିୟନ କ୍ଲବ, ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ, ଅଚ୍ୟୁତାନନ୍ଦ ବିଦ୍ୟାପୀଠ, ଶିବାନନ୍ଦ ବିଦ୍ୟାମନ୍ଦିର ନେମାଳ, ସାନ୍ତପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଲାଲବାହାଦୂର ନୋଡାଲ ବିଦ୍ୟାପୀଠ, ଜୟନ୍ତୀଦେବୀ ନୋଡାଲ ବିଦ୍ୟାଳୟ, କଳିଙ୍ଗ ମଡେଲ ହାଇସ୍କୁଲ, ନଇଁଗୁଆ ଦାଉଦପୁର, ଜୟନ୍ତୀବିଦ୍ୟାପୀଠ ନଗସପୁର, ଚନ୍ଦ୍ରଶେଖର ବିଦ୍ୟାପୀଠ, ପଞ୍ଚାୟତ ହାଇସ୍କୁଲ କଣ୍ଟାପାରୀ, ଚିତ୍ରୋତ୍ପଳା ହାଇସ୍କୁଲ ଜନାର୍ଦ୍ଦନପୁର, ସାଧୁଗୋସାଇଁ କ୍ଲବ ଓରିକଣ୍ଟା, ବାପୁଜୀ କ୍ଲବ ରହଂସ, ଜଳଦିଆ ଯୁବକ ସଂଘ, ପକ୍ଷରୁ ଯାକ ଜମକରେ ପୂଜା କରାଯାଇଛି।



ନେମାଳ ଫ୍ରେଣ୍ଡସ ୟୁନିୟନ୍



ସାଲେପୁର ତିଳିଡା ମା'ମଙ୍ଗଳା ପୂଜା କମିଟି



ମାହାଙ୍ଗା ପୋଡାମରେଇ ପୂଜା କମିଟିର ଶ୍ରୀଗଣେଶ



ତିଗିରିଆର ଏକ ମଣ୍ଡପରେ ସର୍ପ ଉପରେ ବିରାଜମାନ ଗଣେଶ



ନିଶ୍ଚିନ୍ତକୋଇଲି ମହାବୀର କ୍ଲବର ବୁଢ଼ାଗଣେଶ।



ଆଠଗଡ଼ ଗୋଲ୍ଡେନ ଇଗଲ କ୍ଲବ୍ ପକ୍ଷରୁ ବାଇଗଣ ଭିତରେ ହୋଇଥିବା ଗଣେଶ।



ବଡ଼ମ୍ବା ଶଙ୍ଖାମେରୀ ପଞ୍ଚାୟତରେ ପୂଜା ପାଉଥିବା ଶ୍ରୀଗଣେଶ।

## ସଂକ୍ଷେପରେ

### ଆତ୍ମହତ୍ୟା ଉଦ୍ୟମ ବେଳେ ଝିଅକୁ ବଞ୍ଚାଇଲେ ବାପା

**କଟକ ଅଫିସ, ୨।୯:** ଝିଅକୁ ରକ୍ଷା କରିଛନ୍ତି ବାପା। ଘରୋଇ କଳହକୁ ନେଇ ଝିଅ ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ବାପା ମଧ ପାଣିକୁ ଡେଇଁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଜଗତ୍‌ପୁର ଥାନା ଯୋବ୍ରା ବ୍ୟାରେଜର ୧ନମ୍ବର ଗେଟ୍ ପାଖରେ ଏଭଳି ଘଟଣା ଘଟିଛି। ସୂଚନା ଅନୁଯାୟୀ, କୁମୁଦିନୀ ସାହୁ(୨୪)ଙ୍କ ଶାଶୁଘର ସାଲେପୁର ଥାନା ନାନ୍ଦୋଳ ଅଞ୍ଚଳରେ। ସୋମବାର କୁମୁଦିନୀଙ୍କ ବାପା ପ୍ରହଲ୍ଲାଦ ସାହୁ ନାନ୍ଦୋଳ ଯାଇଥିଲେ। ସେଠାରୁ ଝିଅକୁ ଧରି ଘରକୁ ଫେରୁଥିଲେ। ମାତ୍ର ଯୋବ୍ରା ବ୍ୟାରେଜ ପାଖରେ ପହଞ୍ଚିବା ପରେ କୁମୁଦିନୀ ମହାନଦୀକୁ ଡେଇଁ ପଡିଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ପ୍ରହଲ୍ଲାଦ ମଧ ପାଣିକୁ ଡେଇଁ ପଡିଥିଲେ। ପାରିବାରିକ କଳହକୁ କେନ୍ଦ୍ର କରି କୁମୁଦିନୀ ଏପରି କରିଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବ୍ୟାରେଜର ଗେଟ୍ ଖୋଲା ନ ଥିବାରୁ ନିଶ୍ଚିତ ଭାବେ ଏକ ବଡ ଅଘଟଣ ଟଳିଯାଇଛି।

### ଚୋରି: ଯୁବକ ଗିରଫ

**କଟକ ଅଫିସ, ୨।୯:** ସ୍କୁଟି ଚୋରି ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସଦର ଥାନା ତୁରଙ୍ଗ ଅଞ୍ଚଳର ରସାନନ୍ଦ ନାୟକ ଓରଫ ରାଜା। ଜୁନ୍ ୧୬ରେ କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଜଣେ ମହିଳାଙ୍କ ସ୍କୁଟି ଚୋରି ହୋଇଥିଲା। ଗାଡି ଡିକିରେ ମୋବାଇଲ ଫୋନ ଓ ଏକ ଟାବ୍‌ଲେଟ ଥିଲା। ଏ ନେଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୭୫/୧୯) ରୁଜୁ କରିଥିଲା। ପୋଲିସ ଚୋରି ମୋବାଇଲ ଫୋନକୁ ଟ୍ରାକିଂ କରି ରାଜାଙ୍କୁ ଗିରଫ କରିଛି।

## ସାନ୍ତପୁର ସରସ୍ୱତୀ ଶିଶୁମନ୍ଦିରରେ ପିତୃ ସମ୍ମିଳନୀ



ପିତୃ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ନେମାଳ,୨।୯(ଡି.ଏନ.ଏ.)

ସ୍ଥାନୀୟ ସାନ୍ତପୁର ସରସ୍ୱତୀ ଶିଶୁ ମନ୍ଦିରରେ ପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଦେବେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରଭାକର ମହାରଣା, ସମ୍ମାନିତ ଅତିଥି ଡ. ତରୁଲତା ଦେବୀ, ଶିଶୁ ମନ୍ଦିର ପରିଚାଳନା କମିଟି ଉପସଭାପତି ବୈକୁଣ୍ଠନାଥ ବରାଳ, ବକ୍ତାଭାବେ ଶିକ୍ଷାବିତ୍ ବିଶ୍ୱନାଥ ମହାନ୍ତି ପ୍ରମୁଖ ଯୋଗଦେଇ ସମ୍ମିଳନୀର ଆବଶ୍ୟକତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଚାର୍ଯ୍ୟ ମିହିର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ଭୈରବ ଚନ୍ଦ୍ର ଜେନା, ସମ୍ପାଦକ ଅମୂଲ୍ୟ ମହାନ୍ତି, କୋଷାଧ୍ୟକ୍ଷ ପ୍ରଭାତ ବେହେରା, ସଭ୍ୟା ସାନୁମୋନା ଦଳାଇ, ଉର୍ମିଳା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରୋହିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଓଏମ୍‌ପି-କଲେଜ ଛକ ଓଭରବ୍ରିଜ୍‌ରେ ବେଆଇନ ପାର୍କିଂ

# ୨ମିନିଟ୍ ରାସ୍ତାକୁ ଲାଗୁଛି ୧୦ ମିନିଟ୍

କଟକ ଅଫିସ,୨।୯

ସହରର ପ୍ରାୟ ରାସ୍ତା ଅଣଓସାରିଆ ହୋଇଥିବା ବେଳେ ମନଇଚ୍ଛା ଗାଡି ପାର୍କିଂ ଟ୍ରାଫିକ ସମସ୍ୟାକୁ ଦୁଇଗୁଣିତ କରିଛି। ଗାଡ଼ି ସଂଖ୍ୟା ବଢ଼ିବା ସାଙ୍ଗକୁ ଜବରଦଖଲ ଓ ବେଆଇନ ପାର୍କିଂ ଚିନ୍ତାର କାରଣ ପାଲଟିଛି। ବିଶେଷ କରି ପ୍ରତ୍ୟେକ ଦିନ ମାଲଗୋଦାମକୁ ରାଜ୍ୟ ଓ ରାଜ୍ୟ ବାହାରରୁ ମାଲ ନେଇ ଆସୁଥିବା ଗାଡ଼ିଗୁଡିକ ଓଏମ୍‌ପିରୁ କଲେଜ ଛକ ଯିବା ପାଇଁ ଉଦ୍ଦିଷ୍ଟ ଓଭରବ୍ରିଜ ଉପରେ ପାର୍କିଂ କରି ରଖୁଛନ୍ତି। ଏହାଦ୍ୱାରା ଅଧିକାଂଶ ସମୟରେ ବ୍ରିଜ୍ ଉପରେ ଟ୍ରାଫିକ ଜାମ୍ ହେଉଛି। ସହରର ଭିତରକୁ ପ୍ରବେଶ କରିବା ପାଇଁ ଏହା ଏକ ପ୍ରମୁଖ ପଥ। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଲୋକମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଫିସ, କଲେଜ ଓ ଏସ୍‌ସିବି ମେଡିକାଲକୁ ଯାଇଥାନ୍ତି। କିନ୍ତୁ ଜାମ୍ ଯୋଗୁ ଲୋକେ ଗୁରୁତର ସମସ୍ୟା ଭୋଗୁଛନ୍ତି। ଏସ୍‌ସିବି ମେଡିକାଲକୁ ଆସୁଥିବା ଆମ୍ବୁଲାନ୍ସ ଯିବାରେ ଅସୁବିଧା ହେଉଛି। ୨ମିନିଟ୍ ଜାଗାରେ ଆମ୍ବୁଲାନ୍ସକୁ ୧୦ମିନିଟ୍ ସମୟ ଲାଗୁଛି। ଗତ ୧ ତାରିଖରୁ ନୂଆ ମୋଟରଯାନ ନିୟମ ଲାଗୁ ହେବା ପରେ ଟ୍ରାଫିକ ପୋଲିସ ତତ୍ପର ହୋଇଉଠିଛି। ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ବେଆଇନ ଗାଡ଼ି ପାର୍କିଂ କରୁଥିବା ଚାଳକମାନଙ୍କ ପାଖରୁ ଜରିମାନା ଆଦାୟ କରାଯାଉଛି। ହେଲେ ଉପରୋକ୍ତ ବ୍ରିଜ୍ ଉପରେ ହେଉଥିବା ବେଆଇନ ପାର୍କିଂ ଉପରେ ଟ୍ରାଫିକ୍ ପୋଲିସର ଦୃଷ୍ଟି ପଡୁନାହିଁ ବୋଲି ସହର ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## ଟାଟା ଏସିଇ ଧକ୍କାରେ ବାଇକ୍ ଆରୋହୀ ମୃତ

ତିଗିରିଆ,୨।୯(ଡି.ଏନ.ଏ.)

ତିଗିରିଆ ଥାନା ଅଧୀନ ଉତ୍ତରେଶ୍ୱର ମନ୍ଦିର ନିକଟରେ ରବିବାର ରାତିରେ ଏକ ଟାଟାଏସିଇ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଠଗଡ଼ ଥାନା ସଠିଲୋ ଗ୍ରାମର ଶ୍ରୀନିବାସ ଗୋଛି(୩୭)। ସେ ବାଇକ ଯୋଗେ ଢେଙ୍କାନାଳ ଥାନା ଅନ୍ତର୍ଗତ ଭାପୁରରୁ ନିଜ ଗ୍ରାମକୁ ଫେରୁଥିବାବେଳେ ଟାଟାଏସିଇ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶ୍ରୀନିବାସ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତିଗିରିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ନଂ-୧୦୪/୧୯ ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଟାଟାଏସଇ ଚାଳକ ଫେରାର ହୋଇ ଯାଇଥିବାବେଳେ ଗାଡ଼ିକୁ ପୋଲିସ ଜବତ କରି ଥାନାରେ ରଖିଛି। ସେହିପରି ସୋମବାର ଅପରାହ୍ନରେ ପାଞ୍ଚଗାଁ-ସୋମପଡ଼ା ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବଉଳାଙ୍ଗ ଗ୍ରାମର ପ୍ରଦୀପ ସେଠୀ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ପୁରାତନ ଛାତ୍ର ସଂଘ କାର୍ଯ୍ୟକାରିଣୀ ବୈଠକ

ମାହାଙ୍ଗା,୨।୯(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ପଲ୍ଲୀସାହି ପଞ୍ଚାୟତ ଶୁକ୍ଳେଶ୍ୱରସ୍ଥିତ ଭଗବତୀ ବିଦ୍ୟାପୀଠ ପୁରାତନ ଛାତ୍ରସଂଘର କାର୍ଯ୍ୟକାରିଣୀ ବୈଠକ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ତଥା ଆରଡିସି ଅନୀଲ ସାମଲ ଯୋଗ ଦେଇଥିବାବେଳେ ସଂଘ ଉପସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ ବୈଠକରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅରୁଣ ବାରିକ ବିବରଣୀ ଉପସ୍ଥାପନ କରିବା ସହ ଆଗାମୀ ଦଶହରାରେ ହେବାକୁ ଥିବା ସଂଘର ୫୨ତମ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରିଣୀ କମିଟିସଭ୍ୟ ପ୍ରଭାତ ରଞ୍ଜନ ମହାନ୍ତି, ସଦାନନ୍ଦ ବେହୁରା, ପ୍ରଶାନ୍ତ ରାଉତ, ଡଭୁବନାନନ୍ଦ ସାହୁ, ଡ. ଅର୍ଜୁନ ଜେନା, ତାପସ ରଞ୍ଜନ ବିଶ୍ୱାଳ ଓ ସ୍ନେହାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ଉନ୍ନତୀ ଏବଂ ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଆଗାମୀ ଦିନରେ ଅଷ୍ଟମ, ନବମ ଓ ଦଶମ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୫, ୩ ଓ ୨ ହଜାର ଅର୍ଥରାଶି ପ୍ରଦାନ କରାଯିବା ପାଇଁ ସଭାପତି ସାମଲ ଘୋଷଣା କରିଥିଲେ।

## ଭଟାରିକାଙ୍କ ଆଜ୍ଞାମାଳ, ଅଖଣ୍ଡଜ୍ୟୋତିର ଗ୍ରାମ ପରିକ୍ରମା

ବଡ଼ମ୍ବା,୨।୯(ଡି.ଏନ.ଏ.)

ବଡ଼ମ୍ବା ଅଧିଷ୍ଠାତ୍ରୀ ଦେବୀ ମା'ଭଟାରିକାଙ୍କ ବାର୍ଷିକ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଆଜ୍ଞାମାଳ ଓ ଅଖଣ୍ଡଜ୍ୟୋତି ସୋମବାର ଗ୍ରାମ ପରିକ୍ରମା କରିଛି। ପୀଠରେ ପୂଜାର୍ଚ୍ଚନା ପରେ ମା'ଙ୍କ ପୂଜକ ସାମଲ ରଣା ଜ୍ୟୋତି ଓ ଆଜ୍ଞାମାଳ ଆଣି ଭକ୍ତଙ୍କୁ ଅର୍ପଣ କରିଥିଲେ। ଭକ୍ତ ଘଣ୍ଟ, ଶଙ୍ଖ ଓ ହରିବୋଲ ଧ୍ୱନିରେ ଜ୍ୟୋତି ଓ ଆଜ୍ଞାମାଳକୁ ମା'ଙ୍କ ବେଢା ପରିକ୍ରମା କରାଇ ସିଂହଦ୍ୱାର ନିକଟରେ ଥିବା ସୁସଜ୍ଜିତ ଗାଡ଼ିରେ ରଖିଥିଲେ। ଏହାପରେ ଗ୍ରାମ ପରିକ୍ରମା କରାଯାଇଥିଲା। କର୍ମକର୍ତ୍ତା ଶ୍ରୀଧର ପୁହାଣ, ଯଜ୍ଞ କମିଟି ସଭାପତି ପ୍ରସନ୍ନ ସ୍ୱାଇଁ, ସମ୍ପାଦକ ମହେଶ୍ୱର ସାହୁ, ଭଟାରିକା ଗୁମ୍ଫା ସାଧୁ ସୋମନାଥ ଦାସ, ମାଟିଆବାବାଙ୍କ ସମେତ ଆଖପାଖ ଗ୍ରାମ ଗମେଇ, ଓଗାଳପୁର, ଶଶାଙ୍ଗ, ବେଲିଆପାଳ, ମଙ୍ଗରାଜପୁର ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଲଳିତବାବା ପରିଚାଳନା କରିଥିଲେ। ଉକ୍ତ ପରିକ୍ରମା ୮ ଦିନ ପର୍ଯ୍ୟନ୍ତ ଚାଲିବ।



ଭଟାରିକାଙ୍କ ଆଜ୍ଞାମାଳକୁ ଗ୍ରାମ ପରିକ୍ରମା କରାଯାଉଛି।

## ସଂକ୍ଷେପରେ

### ଚୋରି: ଯୁବକ ଗିରଫ

**କଟକ ଅଫିସ, ୨।୯:** ସ୍କୁଟି ଚୋରି ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ତୁରଙ୍ଗ ଅଞ୍ଚଳର ରସାନନ୍ଦ ନାୟକ ଓରଫ ରାଜା। ଅଭିଯୋଗ ଅନୁଯାୟୀ, ଗତ ଜୁନ୍ ୧୬ରେ କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଜଣେ ମହିଳାଙ୍କ ସ୍କୁଟି ଚୋରି ହୋଇଥିଲା। ଗାଡି ଡିକିରେ ମୋବାଇଲ ଫୋନ ଓ ଏକ ଟାବ୍‌ଲେଟ ଥିଲା। ଏ ନେଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୫/୧୯) ରୁଜୁ କରିଥିଲା। ପରେ ପୋଲିସ ଚୋରି ମୋବାଇଲ ଫୋନକୁ ଟ୍ରାକିଂ କରି ରାଜାଙ୍କୁ ଗିରଫ କରିଛି।

### ଧର୍ମରକ୍ଷା ଦିବସ ପାଳିତ

**ଚୌଦ୍ୱାର,୨।୯(ଡି.ଏନ୍.ଏ.):** ହିନ୍ଦୁ ସମାଜର ସୁରକ୍ଷା ଓ ଉନ୍ନତି ଦିଗରେ ନିଜ ଜୀବନକୁ ବଳିଦାନ କରିଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଧର୍ମ ଜାଗରଣ ସମନ୍ୱୟ ଚୌଦ୍ୱାର ନଗର ପକ୍ଷରୁ ପୌର ଟାଉନ୍‌ହଲ ପରିସରରେ ରବିବାର ଧର୍ମରକ୍ଷା ଦିବସ ଓ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ନଗର ସଭାପତି ସୁରଜ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱଦେଶୀ ଜାଗରଣ ମଞ୍ଚ ଓ ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଲକ୍ଷ୍ମଣାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଧର୍ମ ଜାଗରଣ ସମନ୍ୱୟର କ୍ଷେତ୍ର ପ୍ରମୁଖ ବିନୟ ଭୂୟାଁ, ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡା, ବାବା ବିଶ୍ୱନାଥ ଦାସ, ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ପ୍ରାନ୍ତ ପ୍ରମୁଖ ଆଲୋକ କୁମାର ଖଟୁଆ, ପ୍ରହ୍ଲାଦ ଖଣ୍ଡେଲୱାଲ, ଚନ୍ଦ୍ରକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଖବରଦାତା ରମେଶ ଚନ୍ଦ୍ର ସାମଲ, ଛାତ୍ରୀ ଶୈଳସୂତା ସାହୁ, ପରିବେଶବିତ୍ ଦାଶରଥୀ ବେଉରା, ସାମାଜିକ କର୍ମୀ ଡା. ପ୍ରଣୟାନନ୍ଦ ସ୍ୱାଇଁ ଓ ଅଶୋକ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଶ୍ରୀଗଣେଶ ଜୀବନ୍ତ ପାଠାଗାରର ଅଧିବେଶନ

**କଟକ ଅଫିସ,୨।୯:** ରାଜେନ୍ଦ୍ରନଗରସ୍ଥିତ ଗଣପତି ଭବନଠାରେ ଶ୍ରୀଗଣେଶ ଜୀବନ୍ତ ପାଠାଗାରାର ୧୬୨ତମ ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଇଂ. ହରିହର ସେଠୀ ଅଧକ୍ଷତା କରିଥିଲେ। ଏଥିରେ 'ମାନସିକ ବ୍ୟାଧି ଓ ତା'ର ନିରାକରଣ' ଶୀର୍ଷକ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଯୋଗଦେଇ ଆଧାତ୍ମିକ ଚିନ୍ତାଧାରାରେ ମାନସିକ ବ୍ୟାଧି, ଶରୀର ଓ ଆତ୍ମା ମଧରେ ପ୍ରଭେଦ ବିଷୟରେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଡ. ଅଶୋକ ଦାସ, ସମ୍ମାନିତ ବକ୍ତା ଭାବେ ଡ. ହେମନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ପି.କେ. ମହାନ୍ତି ଓ ବରେଣ୍ୟ ଅତିଥି ଭାବେ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ଯୋଗଦେଇଥିଲେ। ଏହି ଅବସରରେ ଅମୃତଧାରାର ପଞ୍ଚମ ବର୍ଷର ପ୍ରଥମ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଉପସଭାପତି କାହ୍ନୁଚରଣ ସାହୁ ଧନ୍ୟବାଦ ଦେଇଥିଲେ।

■ ଓଏମ୍‌ପି-କଲେଜ ଛକ ଓଭରବ୍ରିଜରେ ବେଆଇନ ପାର୍କିଂ

# ୨ ମିନିଟ୍ ରାସ୍ତାକୁ ଲାଗୁଛି ୧୦ ମିନିଟ୍

**କଟକ ଅଫିସ,୨।୯**



ସହରର ପ୍ରାୟ ରାସ୍ତା ଅଣଓସାରିଆ ହୋଇଥିବା ବେଳେ ମନଇଚ୍ଛା ଗାଡି ପାର୍କିଂ ଟ୍ରାଫିକ ସମସ୍ୟାକୁ ଦୁଇଗୁଣିତ କରିଛି। ଗାଡ଼ି ସଂଖ୍ୟା ବଢ଼ିବା ସାଙ୍ଗକୁ ଜବରଦଖଲ ଓ ବେଆଇନ ପାର୍କିଂ ଚିନ୍ତାର କାରଣ ପାଲଟିଛି। ବିଶେଷ କରି ପ୍ରତ୍ୟେକ ଦିନ ମାଲଗୋଦାମକୁ ରାଜ୍ୟ ଓ ରାଜ୍ୟ ବାହାରରୁ ମାଲ ନେଇ ଆସୁଥିବା ଗାଡ଼ିଗୁଡିକ ଓଏମ୍‌ପିରୁ କଲେଜ ଛକ ଯିବା ପାଇଁ ଉଦ୍ଦିଷ୍ଟ ଓଭରବ୍ରିଜ ଉପରେ ପାର୍କିଂ କରି ରଖୁଛନ୍ତି। ଏହାଦ୍ୱାରା ଅଧିକାଂଶ ସମୟରେ ବ୍ରିଜ୍ ଉପରେ ଟ୍ରାଫିକ ଜାମ୍ ହେଉଛି। ସହରର ଭିତରକୁ ପ୍ରବେଶ କରିବା ପାଇଁ ଏହା ଏକ ପ୍ରମୁଖ ପଥ। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଲୋକମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଫିସ, କଲେଜ ଓ ଏସ୍‌ସିବି ମେଡିକାଲକୁ ଯାଇଥାନ୍ତି। କିନ୍ତୁ ଜାମ୍ ଯୋଗୁ ଲୋକେ ଗୁରୁତର ସମସ୍ୟା ଭୋଗୁଛନ୍ତି। ଏସ୍‌ସିବି ମେଡିକାଲକୁ ଆସୁଥିବା ଆମ୍ବୁଲାନ୍ସ ଯିବାରେ ଅସୁବିଧା ହେଉଛି। ୨ମିନିଟ୍ ଜାଗାରେ ଆମ୍ବୁଲାନ୍ସକୁ ୧୦ମିନିଟ୍ ସମୟ ଲାଗୁଛି। ଗତ ୧ ତାରିଖରୁ ନୂଆ ମୋଟରଯାନ ନିୟମ ଲାଗୁ ହେବା ପରେ ଟ୍ରାଫିକ ପୋଲିସ ତତ୍ପର ହୋଇଉଠିଛି। ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ବେଆଇନ ଗାଡ଼ି ପାର୍କିଂ କରୁଥିବା ଚାଳକମାନଙ୍କ ପାଖରୁ ଜରିମାନା ଆଦାୟ କରାଯାଉଛି। ହେଲେ ଉପରୋକ୍ତ ବ୍ରିଜ୍ ଉପରେ ହେଉଥିବା ବେଆଇନ ପାର୍କିଂ ଉପରେ ଟ୍ରାଫିକ୍ ପୋଲିସର ଦୃଷ୍ଟି ପଡୁନାହିଁ ବୋଲି ସହର ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## ଚକ୍ଷୁ ଚିକିତ୍ସା ଶିବିର




**କଟକ ଅଫିସ, ୨।୯**

କଟକ କାଳିଗଳି ଥିଓସୋଫିକାଲ ସୋସାଇଟି ଓ ଜେପିଏମ ରୋଟାରୀ ଚକ୍ଷୁ ଚିକିତ୍ସା କେନ୍ଦ୍ରର ମିଳିତ ସହଯୋଗରେ ଥିଓସୋଫି ହାଉସଠାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୪୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବାବେଳେ ୮ଜଣ ମୋତିଆ ବିନ୍ଦୁ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ବିନା ମୂଲ୍ୟରେ ଅସ୍ତ୍ରୋପଚାର କରାଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଶିବିରରେ ଅନୁଷ୍ଠାନର ସଭାପତି ଚିତ୍ତରଞ୍ଜନ ଶତପଥୀ, ସମ୍ପାଦକ ସୁଧାଂଶୁ ଶେଖର ପତି, ରାଜଲକ୍ଷ୍ମୀ ପାତ୍ର, ଆଲୋକ ସାହୁଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ଥିଲେ।



କଟକ ସାରଳା ଭବନରେ ଅନୁଷ୍ଠିତ ୨୭ତମ ଇଣ୍ଡିଆ ଥିଏଟର ଅଲମ୍ପିଆଡ୍‌ର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ମାନିତ କଳାକାରମାନେ।

## ଆତ୍ମହତ୍ୟା ଉଦ୍ୟମ ବେଳେ ଝିଅକୁ ବଞ୍ଚାଇଲେ ବାପା

**କଟକ ଅଫିସ, ୨।୯**

ଝିଅକୁ ରକ୍ଷା କରିଛନ୍ତି ବାପା। ଘରୋଇ କଳହକୁ ନେଇ ଝିଅ ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ବାପା ମଧ୍ୟ ପାଣିକୁ ଡେଇଁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଜଗତ୍‌ପୁର ଥାନା ଅନ୍ତର୍ଗତ ଯୋବ୍ରା ବ୍ୟାରେଜର ୧ନମ୍ବର ଗେଟ୍ ପାଖରେ ଏଭଳି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, କୁମୁଦିନୀ ସାହୁ(୨୪)ଙ୍କ ଶାଶୁଘର ସାଲେପୁର ଥାନା ଅନ୍ତର୍ଗତ ନାଦୋଳ ଅଞ୍ଚଳରେ। ସୋମବାର କୁମୁଦିନୀଙ୍କ ବାପା ପ୍ରହ୍ଲାଦ ସାହୁ ନାଦୋଳ ଯାଇଥିଲେ। ସେଠାରୁ ଝିଅକୁ ଧରି ଯୋବ୍ରା ସ୍ଥିତ ଘରକୁ ଫେରୁଥିଲେ। ମାତ୍ର ଯୋବ୍ରା ବ୍ୟାରେଜ ପାଖରେ ପହଞ୍ଚିବା ପରେ କୁମୁଦିନୀ ମହାନଦୀକୁ ଡେଇଁ ପଡିଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ପ୍ରହ୍ଲାଦ ମଧ ପାଣିକୁ ଡେଇଁ ପଡିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଉଦ୍ଧାର କରିବାରେ ସହଯୋଗ କରିଥିଲେ। ପାରିବାରିକ କଳହକୁ କେନ୍ଦ୍ର କରି କୁମୁଦିନୀ ଏପରି କରିଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଖବରପାଇ ଘଟଣାସ୍ଥଳରେ ଜଗତପୁର ପୋଲିସ ପହଞ୍ଚିଥିଲା। ବ୍ୟାରେଜର ଗେଟ୍‌ଖୋଲା ନ ଥିବାରୁ ନିଶ୍ଚିତ ଭାବେ ଏକ ବଡ ଅଘଟଣ ଟଳିଯାଇଛି।

## ଶିକ୍ଷାକ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

**ମହିଳା ସମାବେଶ**

**କଟକ ଅଫିସ, ୨।୯**

ନିଖିଳ ଉତ୍କଳ ବାରିକ ସମିତି କଟକ ଜିଲା ଶାଖା ପକ୍ଷରୁ ଟାଉନ ହଲ୍‌ରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଉପଦେଷ୍ଟା ଯତୀନ୍ଦ୍ରନାଥ ବାରିକ ଉଦ୍‌ଘାଟନ କରିଥିଲେ। ଏଥିରେ ମହିଳା ସଭାନେତ୍ରୀ ନମିତା ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାରବାଟି-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ବାରିକ ସମାଜର ମହିଳା ଶକ୍ତି ନିଶ୍ଚିତ ଭାବେ ସରକାରୀ ପ୍ରୋତ୍ସାହନର ଭାଗୀଦାର ହେବେ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ। ବାରିକ ସମାଜର ଆର୍ଥିକ, ସାମାଜିକ, ସାଂସ୍କୃତିକ, ରାଜନୈତିକ ବିକାଶ ଏଣିକି ସୁନିଶ୍ଚିତ ବୋଲି ସେ କହିଥିଲେ। ବରେଣ୍ୟ ଅତିଥି କଟକ ଜିଲା ସଭାପତି ଅକ୍ଷୟ କୁମାର ବାରିକ କହିଥିଲେ, ଛାତ୍ରୀଛାତ୍ରମାନଙ୍କର ଶିକ୍ଷାଦାନ କ୍ଷେତ୍ରରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ପରିପ୍ରେକ୍ଷୀରେ ଉମା ବାରିକଙ୍କୁ କଟକ ମହାନଗର ମହିଳା ସଭାନେତ୍ରୀ ଭାବେ ମନୋନୀତ କରାଯାଇ ସମ୍ମାନିତ କରାଯାଇଥିଲା। ଏଥିସହ ଏକ କମିଟି ଗଠନ କରାଯାଇ ମହିଳାଙ୍କୁ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଅନିତା ବାରିକ, ପ୍ରିୟଙ୍କା ବାରିକ, ଶ୍ରୀବତ୍ସ ବାରିକ, ସଙ୍ଗଠନ ସମ୍ପାଦକ କୁମାର ଅମ୍ଳାନ, କାର୍ଯ୍ୟକାରିଣୀ ସଭ୍ୟ ରମା ବାରିକ, ପିଙ୍କି ବାରିକ, ପଦ୍ମିନୀ ବାରିକ, ରୀନା ବାରିକ, ଲକ୍ଷ୍ମୀ ବାରିକଙ୍କ ସମେତ ଶତାଧିକ ମହିଳା ଯୋଗଦେଇଥିଲେ।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଟାଙ୍ଗୀ(କଟକ), ୨।୯(ଡି.ଏନ୍.ଏ)**

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ବନ୍ଦାଲୋ ଓ ବଇଁଚୁଆ ଗ୍ରାମର ମଧ୍ୟସ୍ଥଳରୁ ସୋମବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ତାଙ୍କ ଶରୀରର ମୁହଁ ଓ କାନ୍ଧରେ କ୍ଷତଚିହ୍ନ ରହିଛି। କେହି ଦୁର୍ବୃତ୍ତ ତାଙ୍କୁ ଅନ୍ୟତ୍ର ହତ୍ୟାକରି ଏଠାରେ ଫିଙ୍ଗିଥିବା ପୋଲିସ କହିଛି। ମିଳିଥିବା ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟାରେ ଏକ କଳାରଙ୍ଗର ଗାଡି ଉକ୍ତ ନିଛାଟିଆ ସ୍ଥାନରେ ଅଟକି ଥିଲା। ଗାଡି ଭିତରୁ କେତେଜଣ ବ୍ୟକ୍ତି ସେଠାରେ କିଛି ଭାରି ଜିନିଷ ଫିଙ୍ଗି ଦ୍ରୁତଗତିରେ ଚାଲିଯାଇଥିଲେ। ଏହି ଘଟଣାରେ ସେଠାରେ ଥିବା କେତେଜଣ ପଥଚାରୀ ଦେଖି ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ବିମଳ କୁମାର ବାରିକ ରକ୍ତାକ୍ତ ଅବସ୍ଥାରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ମଙ୍ଗୁଳି ଟୋଲପ୍ଲାଜା



ସିସିଟିଭି କ୍ୟାମେରାକୁ ତଦନ୍ତ ପରିସରକୁ ଆଣିବା ପରେ ଗାଡି ସମ୍ପର୍କରେ ଯାହା ଜଣାପଡିବ ଏବଂ ମୃତକଙ୍କ ସହିତ ସମ୍ପର୍କ ତଦନ୍ତରୁ ବାହାରିବା ନେଇ ଥାନାଧିକାରୀ ଅନୁମାନ କରିଛନ୍ତି।

## ସର୍ବତ୍ର ପୂଜା ପାଇଲେ ବିଘ୍ନରାଜ

**କଟକ ଅଫିସ/ଫୁଲନଖରା, ୨।୯ (ଡି.ଏନ.ଏ.)**

ସହରର ବିଭିନ୍ନ ସ୍କୁଲ, କଲେଜଠାରୁ ଆରମ୍ଭ କରି ବେସରକାରୀ ଶିକ୍ଷାନୁଷ୍ଠାନରେ ବିଘ୍ନନାଶକ ଗଣେଶଙ୍କ ପୂଜା ପାଳିତ ହୋଇଯାଇଛି। ବିଶେଷକରି ମଙ୍ଗଳାବାଗ, ବକ୍ସିବଜାର, କାଠଗଡା ସାହି, କଲେଜଛକ, ରାଣୀହାଟ, ଷ୍ଟେଶନ ବଜାର, ପୁରୀଘାଟ, ଦେଉଳସାହି, ବାଙ୍ଗିସାହି, ନୂଆପଡା, ନୂଆବଜାର, ବିଡାନାସୀ, ତିନିକୋଣିଆ ବଗିଚା, ନୂଆପଡା ଆଦି ସ୍ଥାନରେ ଗଣେଶଙ୍କ ମୃଣ୍ମୟ ପ୍ରତିମା ପୂଜା ପାଉଥିବା ଦେଖିବାକୁ ମିଳିଥିଲା।

**ମା' ସରସ୍ୱତୀ ଶିକ୍ଷା ମନ୍ଦିର:** ହାତୀପୋଖରୀଛକସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଶ୍ରୀଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟା ବିଜୟଲକ୍ଷ୍ମୀ ଜୀ ଓ ସୁଖଲତା ବେହେରାଙ୍କ ନେତୃତ୍ୱରେ ମାନିଲତା ବାରିକ, ମାନସୀ ସାହୁ, ବବିତା ମହାନ୍ତି, ନିରୁପମା ମହାନ୍ତି, ଲିପିକା ନାୟକ, ପ୍ରତ୍ୟାଶା ପଟ୍ଟନାୟକଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

**ସରସ୍ୱତୀ ବିଦ୍ୟା ମନ୍ଦିର:** ଏଠାରେ ବିଘ୍ନନାଶକଙ୍କ ପୂଜା ଅନୁଷ୍ଠିତ ହୋଇଥିବାବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହୃଷୀକେଶ ସ୍ୱାଇଁ ପୂର୍ଣ୍ଣାହୁତି ଦେଇଥିଲେ। ପରିଚାଳନା ସମିତି ସଭାପତି ପ୍ରତିମା ଶତପଥୀ, ମନୋଜ କୁମାର ସ୍ୱାଇଁ, ଚକ୍ରଧର ଦାଶ, କଳ୍ପନା ଦାଶ, ସମୀର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ଡାହାଳିଆବାଗ ନିଉ କଲୋନୀ:** କଟକ ମହାନଗର ନିଗମ ଅନ୍ତର୍ଗତ ଡାହାଳିଆବାଗ ନିଉ କଲୋନୀ ପକ୍ଷରୁ ଶ୍ରୀଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ସମ୍ପାଦକ ବିଚିତ୍ର ରାଉତ, ପାପୁନ ପ୍ରଧାନ ପ୍ରମୁଖ ଏହି ପୂଜାର ଆୟୋଜନ କରିଥିଲେ। ଏହି ଅବସରରେ ଆୟୋଜିତ ଭଜନ ସମାରୋହକୁ ଆଶିଷ ରାଉତ, ପ୍ରଭାସ ପ୍ରଧାନ, ମିଲନ ରାଉତ, ଲିଟୁ ପ୍ରଧାନ ଓ ସ୍ୱରୂପ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

ସେହିପରି ଫୁଲନଖରା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ଯୁବକ ସଂଘ, ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା।

### ମାରୱାଡ଼ି ସମାଜ ପକ୍ଷରୁ ନିଆରା ଗଣେଶ ପୂଜା

**କଟକ ଅଫିସ,୨।୯**

କଟକ ମାରୱାଡ଼ି ସମାଜ ପକ୍ଷରୁ ନିଆରା ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସିଡିଏସ୍ଥିତ ୱିଣ୍ଡସର ପ୍ୟାଲେସ୍‌ରେ ୫୧ଟି ଗଣେଶ ମୃଣ୍ମୟ ପ୍ରତିମା ପୂଜା ପାଇଥିଲା। ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ୮ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ପଶ୍ଚିମବଙ୍ଗ ମହିଳାଙ୍କ ଦ୍ୱାରା ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଏହାର ମୁଖ୍ୟ ଆକର୍ଷଣ ହେବ। ମାରୱାଡ଼ି ସମାଜର ସଭାପତି ବିଜୟ କୁମାର ଖଣ୍ଡେଲୱାଲ, ସମ୍ପାଦକ ରମନ ବାଗେଡିଆ, ବିଶିଷ୍ଟ ଶିଳ୍ପପତି ସୁବାସ ଗୁପ୍ତା, ଶରତ ସାଙ୍ଗନାରିଆ, ହେମନ୍ତ ଅଗ୍ରୱାଲ, ସଜ୍ଜନ ଶର୍ମା, ଗଦାଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

## ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର



**ନରାଜ, ୨।୯(ଡି.ଏନ୍.ଏ.)**

ମୁଣ୍ଡଳୀ ସ୍ଥିତ ୩ୟ ବାହିନୀ ଏନ୍‌ଡିଆରଏଫ ଆନୁକୂଲ୍ୟରେ ଷଷ୍ଠଦିବସୀୟ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ନେହେରୁ ଯୁବ କେନ୍ଦ୍ରର ୨୪ ଜଣ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯିବ। ଏହା ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ତଥା ଏନଡିଆରଏଫର ଏକ ପାଇଲଟ ପ୍ରକଳ୍ପ। ଏଥିରେ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀମାନଙ୍କ ଦକ୍ଷତା ବୃଦ୍ଧି କରାଯିବ। ବ୍ଲକସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଦଳ କରାଯାଇ ଦ୍ୱରିତ ସହାୟତା ପ୍ରଦାନ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ନେହେରୁ ଯୁବ କେନ୍ଦ୍ରର ଉପାଧକ୍ଷା ମାଧବୀ ଅଗ୍ରୱାଲ, ରାଜ୍ୟ ନିର୍ଦ୍ଦେଶକ ଅଭିଜିତ ବୋଷ ଅତିଥି ଭାବରେ ଯୋଗ ଦେଇଥିଲେ। ଏହାକୁ ଏନ୍‌ଡିଆରଏଫ-୩ ବାହିନୀର ସିନିୟର କମାଣ୍ଡାଣ୍ଟ ଜାକବ୍ କିସ୍‌ପଟା ଯୋଗଦେଇ ଫାଷ୍ଟ ରେସ୍‌ପଣ୍ଡକୁ ଗୁରୁତ୍ୱ ପ୍ରଦାନ କରିବା ସହିତ ପର୍ଯ୍ୟାୟ କ୍ରମେ ମୋଟ ୩୦ ଜଣିଆ ୧୦ଟି ଦଳକୁ ଜାନୁୟାରୀ ୨୦୨୦ ସୁଦ୍ଧା ଏହି ତାଲିମ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଏନଡିଆରଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରଜିତ ସିଂହ, ଇନ୍ସପେକ୍ଟର ସୁନୀଲ ରାଜୱାର, ପିକେ ମିଶ୍ର, ରାଜୀବ ରଞ୍ଜନ ଓ ଅରବିନ୍ଦ ଗଜରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତାଲିମରେ ପ୍ରାକୃତିକ ବିପର୍ଯ୍ୟୟ, ଅନୁସନ୍ଧାନ ଓ ଉଦ୍ଧାର, ଅଗ୍ନି ନିରାପତ୍ତା, ସାପ କାମୁଡା ଓ ପଶୁ କାମୁଡା ଦଳଗତ ଆଲୋଚନା ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନର ଜିଲା ଯୁବ ସଂଯୋଜକ ଅଶୋକ କୁମାର ଦାଶ, ଆକାଉଣ୍ଟାଣ୍ଟ ସରୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

# ତୋରଣ ପାଇଁ ପଡ଼ିଲା ଶୁଭ ଖମ୍ବ

**କଟକ ଅଫିସ,୨।୯**




ପବିତ୍ର ଗଣେଶ ଚତୁର୍ଥୀ ତିଥିରେ ଦଶହରା ପାଇଁ ପଡ଼େ ଶୁଭ ଖମ୍ବ। ଏଥିପାଇଁ ସୋମବାର ବିଭିନ୍ନ ପୂଜା କମିଟି ପକ୍ଷରୁ ତୋରଣ ନିର୍ମାଣ ନେଇ ଶୁଭ ଦିଆଯାଇଥିବା ଦେଖିବାକୁ ମିଳିଛି। କଟକ ଦଶହରା ଇତିହାସରେ ତୋରଣର ପରମ୍ପରା ଆରମ୍ଭ କରିଥିଲା ଚାନ୍ଦିନୀଚୌକ ପୂଜା କମିଟି। ୮୦ ଦଶକରେ ପ୍ରଥମେ ଏହି ପୂଜା କମିଟି ପକ୍ଷରୁ ତୋରଣ କରାଯାଇଥିଲା। ପରେ ଏଥିରେ ମାଲଗୋଦାମ ଓ ବାଦାମବାଡ଼ି ପୂଜା କମିଟି ସାମିଲ ହୋଇଥିଲା। ଏହି ଦୌଡ଼ରେ ଏବେ ସହରର ପ୍ରାୟ ସମସ୍ତ ପୂଜା କମିଟି ସାମିଲ ହୋଇଛନ୍ତି। ମଣ୍ଡପଠାରୁ କିଛି ଦୂରରେ ବିଶାଳ ତୋରଣ ନିର୍ମାଣ ହେଉଛି। କୌଣସି ପ୍ରତିଦ୍ୱନ୍ଦ୍ୱିତା ନ ହେଲେ ସୁଦ୍ଧା ବିଭିନ୍ନ ପୂଜା କମିଟି ଆକର୍ଷଣୀୟ ତୋରଣ ନିର୍ମାଣକୁ ନେଇ ସବୁବେଳେ ତତ୍ପର ରହୁଛନ୍ତି। ହେଲେ ସହରରେ ହାତଗଣତି ପୂଜା କମିଟି ଆକର୍ଷଣୀୟ ତୋରଣ ନିର୍ମାଣ କରି ଚର୍ଚ୍ଚାରେ ରୁହନ୍ତି। ଏବେ କିଛିବର୍ଷ ହେବ ସବୁଠାରୁ ଚର୍ଚ୍ଚାରେ ରହୁଛି ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ଦୁର୍ଗାପୂଜା କମିଟି। ଏହି କମିଟି ପକ୍ଷରୁ ଚଳିତବର୍ଷ ତାମିଲନାଡୁର ଶ୍ରୀରଙ୍ଗମ ତିରୁଚିପଲ୍ଲୀସ୍ଥିତ ଶ୍ରୀରଙ୍ଗନାଥ ସ୍ୱାମୀ ମନ୍ଦିର ଆକୃତି ତୋରଣ ନିର୍ମାଣ ହେବ। ତେବେ କିଛିବର୍ଷ ତଳେ ଭାରତର ସୀମାରେଖା ଏଲଓସି(ଲାଇନ ଅଫ କଣ୍ଟ୍ରୋଲ)କୁ ତୋରଣରେ ସଜାଇ ଏହି ପୂଜା କମିଟି ଅନେକ ପ୍ରଶଂସା ସାଉଁଟିଥିଲା। କଟକ ବାଦାମବାଡ଼ି ଛକରେ ବି ଦେଖିବାକୁ ମିଳେ ବିଶାଳ ତୋରଣ। ଶଙ୍କରପୁର-ବାଦାମବାଡ଼ି ପୂଜା କମିଟି ପକ୍ଷରୁ ଏଠାରେ ତୋରଣ ନିର୍ମାଣ ହୁଏ। କିଛିବର୍ଷ ହେବ ଏଠାରେ ଦେଶର ବିଭିନ୍ନ ମନ୍ଦିର ଆକୃତି ତୋରଣ ହୋଇଆସୁଛି। ପୂର୍ବରୁ ଟାଇଟେନିକ ଜାହାଜ ନିର୍ମାଣ କରି ଏହି ପୂଜା କମିଟି ଚର୍ଚ୍ଚାରେ ରହିଥିଲା। ମାଲଗୋଦାମ ପୂଜା କମିଟି ପକ୍ଷରୁ ଚଳିତବର୍ଷ ଷ୍ଟାଚ୍ୟୁ ଅଫ ଲିବର୍ଟି ତୋରଣ ନିର୍ମାଣ ହେବ ବୋଲି ସମ୍ପାଦକ ନିଜାମୁଦ୍ଦିନ ଅହମ୍ମଦ କହିଛନ୍ତି। ଗତବର୍ଷ ଏଠାରେ ଶଙ୍ଖ ଓ ସିପରେ ଏକ ସୁନ୍ଦର ତୋରଣ ହୋଇଥିଲା। ତୋରଣକୁ ବାଦ୍ ଦେଲେ ଛତ୍ରବଜାର, କଲେଜଛକ, ଚାଉଳିଆଗଞ୍ଜ, ରାଉସାପାଟଣା, ପିଠାପୁର, ଚୌଧୁରୀବଜାର, ନୟାସଡ଼କ, ଅଲିସାବଜାର, ଦେଉଳସାହି, ବିଡ଼ାନାସୀ ପୂଜା କମିଟି ପ୍ରମୁଖ ଚିତ୍ତାକର୍ଷକ ଲାଇଟ ଗେଟ ନିର୍ମାଣ କରନ୍ତି। ତେବେ ତୋରଣ ନିର୍ମାଣ ନେଇ କଲିକତାରୁ କାରିଗରମାନେ ଅଧିକାଂଶରେ ଏହି ସହରକୁ ଆସୁଥିବା ଦେଖିବାକୁ ମିଳେ।

**ମା' ଆସୁଛନ୍ତି**